ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ରବିବାର ୨୩ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 August 2026
Vol.No. 36 ■ No.221 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

# ବନ୍ଦେ ମାତରମ୍‌କୁ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ: କଂଗ୍ରେସର ନିଷ୍ପତ୍ତିକୁ ବିଜେପିର ବିରୋଧ

## 'ଜେନ୍ ଜି'କୁ ଆକର୍ଷିତ କରିବାକୁ ବିଜେପିର ନୂଆ ରଣନୀତି



ନୂଆଦିଲ୍ଲୀ,୨୨/୮ : 'ବନ୍ଦେ ମାତରମ୍' ଗାନକୁ ନେଇ ଏବେ ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ଟଣାଓଟରା ଆରମ୍ଭ ହୋଇଛି । କଂଗ୍ରେସ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍'ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବା ନିଷ୍ପତ୍ତିକୁ ବିଜେପି ତୀବ୍ର ବିରୋଧ କରିଛି । ଏହି ପ୍ରସଙ୍ଗରେ ଶନିବାର ଦଳ ପକ୍ଷରୁ ଏକ ପ୍ରସ୍ତାବ ପାରିତ ହୋଇଛି । ବିଜେପିର ଯୁକ୍ତି ହେଉଛି, 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ୬ଟି ପଦ ଭାରତର ଜାତୀୟ ଚେତନା ଓ ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସହ ଜଡ଼ିତ । ତେଣୁ ଏହାର ସମ୍ମାନ, ମର୍ଯ୍ୟାଦା ଓ ଐତିହାସିକ ଗୁରୁତ୍ୱକୁ କୌଣସି ରାଜନୈତିକ କାରଣରୁ କ୍ଷୁଣ୍ଣ କରାଯିବା ଉଚିତ ନୁହେଁ ବୋଲି ଦଳ କହିଛି । ବିଜେପି ଅଧ୍ୟକ୍ଷ ନିତିନ ନବୀନ 'ଏକ୍ସ'ରେ ପୋଷ୍ଟ କରି କଂଗ୍ରେସ କାର୍ଯ୍ୟସମିତିର ନିଷ୍ପତ୍ତିକୁ ଦଳ ପକ୍ଷରୁ ଦୃଢ଼ ବିରୋଧ କରାଯାଇଥିବା କହିଛନ୍ତି । ତାଙ୍କ ମତରେ, 'ବନ୍ଦେ ମାତରମ୍' କେବଳ ଏକ ଗୀତ ନୁହେଁ, ଏହା ଭାରତ ମାତା ପ୍ରତି ଶ୍ରଦ୍ଧା, ସ୍ୱାଧୀନତା ସଂଗ୍ରାମର ପ୍ରେରଣା ଏବଂ ଜାତୀୟ ଚେତନାର ପ୍ରତୀକ । ନିତିନ ନବୀନ କହିଛନ୍ତି, କଂଗ୍ରେସ କାର୍ଯ୍ୟସମିତିର କୌଣସି ନିଷ୍ପତ୍ତି ଦେଶର ସାମ୍ବିଧାନିକ ବ୍ୟବସ୍ଥା ଓ ସଂସଦର ଆଇନଠାରୁ ଉପରେ ହୋଇପାରିବ ନାହିଁ । 'ବନ୍ଦେ ମାତରମ୍'କୁ ନେଇ ୧୯୩୭ରେ ନିଆଯାଇଥିବା ରାଜନୈତିକ ନିଷ୍ପତ୍ତିକୁ ବର୍ତ୍ତମାନର ସାମ୍ବିଧାନିକ ଓ ଆଇନଗତ ବ୍ୟବସ୍ଥାଠାରୁ ଉପରେ ରଖାଯାଇପାରିବ ନାହିଁ ବୋଲି ସେ ଦାବି କରିଛନ୍ତି । ଏଥିସହ 'ବନ୍ଦେ ମାତରମ୍'ର ଗାନକୁ ସୀମିତ କରିବା ପଛରେ ଥିବା ଐତିହାସିକ ପରିପ୍ରେକ୍ଷୀକୁ ଲୋକଙ୍କ ସାମ୍ନାକୁ ଆଣିବ ବିଜେପି । ସେ ସମୟରେ ମୁସଲିମ୍ ଲିଗ୍‌ର ଆପତ୍ତି ଏବଂ ପରବର୍ତ୍ତୀ ରାଜନୈତିକ ପରିସ୍ଥିତିକୁ ନେଇ ମଧ୍ୟ ଦଳ ଆଲୋଚନା କରିବ ବୋଲି କୁହାଯାଇଛି । ◆◆ପୃଷ୍ଠା ୭

# ଏମଏମ୍‌ଡିଆର ବିଲ୍‌କୁ ନେଇ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ: ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଦାବି



ଭୁବନେଶ୍ୱର, ୨୨/୮ (ନି.ପ୍ର): ଏମଏମ୍‌ଡିଆର ଗଗଉଜ ବିଲ୍‌କୁ ନେଇ ରାଜ୍ୟ ରାଜନୀତି ତେଜ ହୋଇଛି । ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସର ଏକ ବିଧାୟକ ପ୍ରତିନିଧିମଣ୍ଡଳୀ ଆଜି ଲୋକଭବନରେ ରାଜ୍ୟପାଳଙ୍କୁ ଭେଟିଛି । ଗଗଉଜ ବିଲ୍ ପ୍ରସଙ୍ଗରେ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଏମଏମଡିଆର ବିଲ୍‌ରେ ସରକାର ଯେଉଁ ସଂଶୋଧନ କରିଛନ୍ତି, କଂଗ୍ରେସ ତାହାକୁ ବିରୋଧ କରୁଛି । ଏହି ସଂଶୋଧନ ଯୋଗୁଁ ଓଡ଼ିଶା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହରାଇବ ବୋଲି ସେ ଅଭିଯୋଗ କରିଛନ୍ତି । ଏଥିସହ ପ୍ରତିବର୍ଷ ରାଜ୍ୟ ପ୍ରାୟ ୨୦ ହଜାର କୋଟି ଟଙ୍କାର କ୍ଷତି ସହିବ ବୋଲି ମଧ୍ୟ ସେ ଦାବି କରିଛନ୍ତି । କାଡାମ ଆହୁରି କହିଛନ୍ତି, ରାଜ୍ୟରେ ବିଜେପି ସରକାର ଡବଲ୍ ଇଞ୍ଜିନ୍ ବିକାଶର କଥା କହୁଥିଲା । କିନ୍ତୁ ଏମଏମଡିଆର ବିଲ୍‌ର ସଂଶୋଧନ ପରେ ସରକାରଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି ବୋଲି ସେ ଅଭିଯୋଗ କରିଛନ୍ତି । ଓଡ଼ିଶା ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ । ଜଙ୍ଗଲ, ଜମି ଓ ପାଣି ପାଇଁ ଓଡ଼ିଶାର ଯେଉଁ ଲଢ଼େଇ ରହିଛି, ଆଗାମୀ ଦିନରେ କଂଗ୍ରେସ ସେହି ଲଢ଼େଇକୁ ଜାରି ରଖିବ ବୋଲି ରାମଚନ୍ଦ୍ର କାଡାମ କହିଛନ୍ତି । ଏମଏମଡିଆର ବିଲ୍ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦଳର ଦାବି ରହିଛି ।

# ପାରଦୀପରୁ ସିଙ୍ଗାପୁର ଯାଉଥିଲା ମାଲବାହୀ ଜାହାଜ: ମଝି ସମୁଦ୍ରରେ ନିଖୋଜ

ପାରାଦୀପ, ୨୨/୮ (ନି.ପ୍ର): ପାରାଦୀପରୁ ଲୁହାପଥର ବୋଝେଇ କରି ଚୀନ୍ ଯାଉଥିବା ଜାହାଜ 'ଓସେନ୍ ୱିନର' ସମୁଦ୍ରରେ ନିଖୋଜ ହୋଇଯାଇଛି । ଜାହାଜ ସହ ଯୋଗାଯୋଗ ସମ୍ଭବ ହୋଇପାରୁ ନଥିବା ବେଳେ ଏହା କୌଣସି ପ୍ରକାର ଦୁର୍ଘଟଣାର ଶିକାର ହୋଇ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି । ସୂଚନା ଅନୁଯାୟୀ ପାଖାପାଖି ୭୫ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏହି ଜାହାଜ ୨୦ ତାରିଖ ରାତି ପ୍ରାୟ ସାଢ଼େ ଦଶଟା ବେଳେ ପାରାଦୀପ ବନ୍ଦରରୁ ଲୁହାପଥର ବୋଝେଇ କରି ଚୀନ ଅଭିମୁଖେ ବାହାରିଥିଲା । ପାନାମା ପତାକା ଥିବା ଏହି ଜାହାଜରେ ୨୦ ଜଣ ଚୀନ୍ ନାଗରିକ, ଜଣେ ବାଂଲାଦେଶୀ ଓ ୩ ଜଣ ମ୍ୟାମାର ନାଗରିକ ଏଭଳି ମୋଟ ୨୪ ଜଣ କର୍ମଚାରୀ ଥିବା କୁହାଯାଉଛି । ଜାହାଜଟି ପାରାଦୀପରୁ ୨୪୦ ନଟିକାଲ୍ ମାଇଲ୍ ତଥା ପାଖାପାଖି ୩୭୦ କିଲୋମିଟର ଅତିକ୍ରମ କରିବା ପରେ ଗତକାଲି ରାତି ୧୨ଟା ୧୮ ପରଠାରୁ ଜାହାଜ ସହ ଆଉ ଯୋଗାଯୋଗ ସମ୍ଭବ ହୋଇ ପାରି ନଥିଲା । ଆଣ୍ଡାମାନ ନିକୋବର ଦୀପପୁଞ୍ଜ ପାଖାପାଖି କୌଣସି ସ୍ଥାନରେ ଏହା ଦୁର୍ଘଟଣାର ଶିକାର ହୋଇଥିବା ସନ୍ଦେହ କରାଯାଉଛି । ଅଗଷ୍ଟ ◆◆ପୃଷ୍ଠା ୭

# ପୁଣି ଆସୁଛି ଲଘୁଚାପ: ୭ ଦିନ ବର୍ଷା, ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ




ଭୁବନେଶ୍ୱର, ୨୨/୮ (ନି.ପ୍ର): ପୁଣି ଘାରିଲା ବର୍ଷା ଭୟ । ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଧୀରେ ଧୀରେ ଘନୀଭୂତ ହେଉଥିବାବେଳେ ଆଗାମୀ ୨୪ରୁ ୩୬ ଘଣ୍ଟା ମଧ୍ୟରେ ଏହା ଲଘୁଚାପର ରୂପ ନେଇପାରେ । ଏହାର ପ୍ରଭାବରେ ଓଡ଼ିଶାରେ ପୁଣି ବର୍ଷାର ପରିମାଣ ବଢ଼ିବା ସମ୍ଭାବନା ରହିଛି । ଆଜିଠାରୁ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ନେଇ ସତର୍କତା ଜାରି କରାଯାଇଛି । ଆଜି ୨୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବାବେଳେ ଆସନ୍ତାକାଲି ୨୦ଟି ଜିଲ୍ଲା ପାଇଁ ସତର୍କତା ଜାରି ହୋଇଛି । ◆◆ପୃଷ୍ଠା ୭


# ଝାଡ଼ଖଣ୍ଡର ରାମଗଡ଼ର ଇସ୍ପାତ କାରଖାନାରେ ବିସ୍ଫୋରଣ: ତିନି ଇଞ୍ଜିନିୟରଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୨/୮ : ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାର ବରକାକାନା ଓପି ଅଞ୍ଚଳର ହେହଲରେ ଥିବା ସିମେଣ୍ଟ ଏବଂ ଇସ୍ପାତ ପାୱାର ପ୍ଲାଣ୍ଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା । ଏହି ଦୁର୍ଘଟଣାରେ ତିନି ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଇଞ୍ଜିନିୟର ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣା ପରେ ଫ୍ୟାକ୍ଟ୍ରି ପରିସରରେ ଆତଙ୍କ ଖେଳିଯାଇଛି । ବରକାକାନା ଥାନା ପ୍ରଭାରୀ ଉମାଶଙ୍କର ବର୍ମା ଘଟଣା ସ୍ଥଳରେ ପହଞ୍ଚି ରିଲିଫ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ଅତ୍ୟଧିକ ତାପମାତ୍ରା ପାୱାର ପ୍ଲାଣ୍ଟର ସିଷ୍ଟମକୁ ପ୍ରଭାବିତ କରିଥିଲା ଏବଂ ସୁରକ୍ଷା ସିଷ୍ଟମକୁ ବିଫଳ କରିଥିଲା । ଏହି ସମୟରେ, ଟର୍ବାଇନର ଅତ୍ୟଧିକ ବେଗ ହେତୁ ଏକ ଜୋରରେ ବିସ୍ଫୋରଣ ହୋଇଥିଲା । ପୋଲିସ କହିବା ଅନୁଯାୟୀ, ଜାଗେଶ୍ୱର ବିହାର ବୋକାରୋ ବାସିନ୍ଦା ବିନୀତ ମହତୋ, ଧନବାଦର ସଞ୍ଜୀବ କେଶରୀ ଏବଂ ଗଢ଼ୱା ନଗର ଉତାରୀର ଅଭିଷେକ ପାଣ୍ଡେଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ହଜାରିବାଗ ଜିଲ୍ଲାର ବାସିନ୍ଦା ତରୁଣ ରାୱାନୀ ଗୁରୁତର ଆହତ ହୋଇଛନ୍ତି । କାରଖାନାର କର୍ମଚାରୀ ଅମିତ କୁମାର ଦୁର୍ଘଟଣା ପରେ ◆◆ପୃଷ୍ଠା ୭

# ଖରିଫ ଋତୁ ପାଇଁ ପଂଜିକରଣ କଲେଣି ୭ ଲକ୍ଷରୁ ଅଧିକ ଚାଷୀ

ଭୁବନେଶ୍ୱର, ୨୨/୮ (ନି.ପ୍ର): ଖରିଫ ଋତୁ ପାଇଁ ୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଲେଣି । ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି ଯେ, ପ୍ରକ୍ରିୟାକୁ ସରଳ କରାଯାଇଛି, କୌଣସି ପ୍ରକାର ବାଧା ନାହିଁ । କାଲି ଗୋଟିଏ ଦିନରେ ୧ ଲକ୍ଷ ୨୦ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଅଗଷ୍ଟ ୩୧ ତାରିଖ ସୁଦ୍ଧା ଚାଷୀମାନେ ପଞ୍ଜୀକରଣ କରିନିଅନ୍ତୁ । ଆବଶ୍ୟକୀୟ ଦସ୍ତାବିଜ ନେଇ ପ୍ୟାକ୍ସ, ଲ୍ୟାମ୍ପସରେ ପଞ୍ଜୀକରଣ କରିନିଅନ୍ତୁ ବୋଲି ମନ୍ତ୍ରୀ ଅପିଲ କରିଛନ୍ତି ।

# 'ଆରକ୍ଷଣ ହଟାଅ ଆନ୍ଦୋଳନ' ପ୍ରତିବାଦକାରୀ କହିଲେ ସଂସ୍କାର ପାଇଁ ସରକାର ରାଜି




ନୂଆଦିଲ୍ଲୀ,୨୨/୮ : ଦିଲ୍ଲୀର ଯନ୍ତର ମନ୍ତରଠାରେ ଶୁକ୍ରବାର 'ଆରକ୍ଷଣ ହଟାଅ ଆନ୍ଦୋଳନ' (ଆରଏଚ୍ଏ) ଦେଖିବାକୁ ମିଳିଥିଲା । ଶନିବାର ଆରଏଚ୍ଏ ପକ୍ଷରୁ 'ଏକ୍ସ'ରେ ପୋଷ୍ଟ କରି ଦାବି କରାଯାଇଛି ଯେ, ସରକାର ସଂରକ୍ଷଣ ବିରୋଧୀ ଆନ୍ଦୋଳନକାରୀଙ୍କ ଦାବି ଉପରେ ଆଲୋଚନା ପାଇଁ ରାଜି ହୋଇଛନ୍ତି । ହର୍ଷ ଭାଇ କହିଛନ୍ତି ଯେ, ଜଣେ କେନ୍ଦ୍ରମନ୍ତ୍ରୀ ନିଜେ ଆନ୍ଦୋଳନକାରୀଙ୍କ ସହ କଥା ହେବେ । ସରକାରଙ୍କ ସହିତ ଆଲୋଚନାରେ ସାମିଲ ହେବାକୁ ଥିବା ଲୋକଙ୍କ ନାମ ମଧ୍ୟ ପୋଷ୍ଟରେ ପ୍ରଦାନ କରାଯାଇଛି । ଦକ୍ଷିଣପନ୍ଥୀ ଅଜିତ ଭାରତୀ, ନେହା ଲାଲଦାସ ଓ ଆନନ୍ଦ ରଙ୍ଗନାଥନଙ୍କୁ ଆଲୋଚନାରେ ସାମିଲ କରାଯାଇପାରେ । ଏହିମାନେ ସେମାନଙ୍କର ଯୁକ୍ତି ଓ ତଥ୍ୟ ସହିତ ଏହି ପ୍ରସଙ୍ଗଗୁଡ଼ିକୁ ଅଧିକ ସ୍ପଷ୍ଟ ଓ ଦୃଢ଼ ଭାବରେ ଉପସ୍ଥାପନ କରିପାରିବେ ବୋଲି ପୋଷ୍ଟରେ କୁହାଯାଇଛି । ଏହାସହିତ ସେମାନଙ୍କ ଆନ୍ଦୋଳନ ଏବେ ଶେଷ ହୋଇନାହିଁ ବୋଲି ଚେତାବନୀ ଦିଆଯାଇଛି । ସୂଚନାଯୋଗ୍ୟ, ଜାତିଭିତ୍ତିକ ସଂରକ୍ଷଣ ସହିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମ ବିରୋଧରେ ଯନ୍ତରମନ୍ତରଠାରେ ଶୁକ୍ରବାରଠାରୁ ନୂଆ ଆନ୍ଦୋଳନ ଦେଖିବାକୁ ମିଳିଥିଲା । କକ୍ରୋଚ ଜନତା ପାର୍ଟି (ସିଜେପି) ଧାରାରେ ଇନଷ୍ଟାଗ୍ରାମ ଅଭିଯାନ ମାଧ୍ୟମରେ ଆରକ୍ଷଣ ହଟାଅ ଆନ୍ଦୋଳନ ପାଇଁ ପ୍ରଚାର କରାଯାଉଥିବାବେଳେ ସେମାନଙ୍କର ୫.୬ ନିୟୁତ ଅନୁଗାମୀ ଅଛନ୍ତି ।

# ବନ୍ଧୁକ ଜବତ ଘଟଣା: ପ୍ରକାଶ ପାଶୱାନଙ୍କ ଘରେ ପୁଲିସର ଚଢ଼ଉ

ରାଉରକେଲା, ୨୨/୮ (ନି.ପ୍ର): ରାଉରକେଲା ପାନପୋଷ ସର୍କିଟ୍ ହାଉସରୁ ବନ୍ଧୁକ ଜବତ ଘଟଣାରେ ପୁଲିସର ଖୋଜାଖୋଜି ଜୋରଦାର କରିଛି । ଫେରାର ଯୁବନେତା ପ୍ରକାଶ ପାଶୱାନ୍‌ଙ୍କୁ ଖୋଜୁଛି ପୁଲିସର ୫ ଜଣିଆ ଟିମ୍ । ତାଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ରାଜ୍ୟ ବାହାରକୁ ମଧ୍ୟ ଯାଇଥିବା ସୂଚନା ମିଳିଛି । ଏପଟେ ବିଜେପିରୁ ନିଲମ୍ବିତ ଯୁବନେତାଙ୍କ ଗାଡ଼ିକୁ ଜବତ କରିଛି ରଘୁନାଥପଲ୍ଲୀ ଥାନା ପୁଲିସ । ଏଥିସହ ପ୍ରକାଶ ପାଶୱାନଙ୍କ ଭାଇ ଓ ଭଉଣୀଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରୁଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଗତ ୧୪ ତାରିଖରେ ପାନପୋଷ ସର୍କିଟ୍ ହାଉସରୁ ବନ୍ଧୁକ ସହ ୭ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୁଲିସ ଗିରଫ କରିଥିଲା । ◆◆ପୃଷ୍ଠା ୭

# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର, ୨୨/୮ (ନି.ପ୍ର): ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ଶନିବାର ଲୋକ ଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି । ଉଭୟଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା । ଓଡ଼ିଆ ଭାଷା, ସାହିତ୍ୟ ଏବଂ ଉଚ୍ଚଶିକ୍ଷାର ପ୍ରୋତ୍ସାହନ ସହିତ ଜଡିତ ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।

# ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ୫୨ ନେତାଙ୍କୁ ବୁଲେଟ ପ୍ରୁଫ୍ ଜ୍ୟାକେଟ ପ୍ରଦାନ

ନୂଆଦିଲ୍ଲୀ,୨୨/୮ : ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ କଡ଼ା ସୁରକ୍ଷା ପଦକ୍ଷେପ ଭାବେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ବିଏସପି ମୁଖ୍ୟ ମାୟାବତୀଙ୍କ ସମେତ ୫୨ ଜଣ ନେତାଙ୍କୁ ବୁଲେଟପ୍ରୁଫ୍ ଜ୍ୟାକେଟ୍ ଯୋଗାଇ ଦିଆଯାଇଛି । ଏହି ଜ୍ୟାକେଟ୍ ପ୍ରଦାନ କରାଯାଇଥିବା ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶ ସରକାରଙ୍କ ୧୧ ଜଣ ମନ୍ତ୍ରୀ ମଧ୍ୟ ଅଛନ୍ତି, ସେମାନଙ୍କ ମଧ୍ୟରେ ସଞ୍ଜୟ ନିଷାଦ, ନନ୍ଦ ଗୋପାଳ ଗୁପ୍ତା 'ନନ୍ଦୀ' ଓ ଓମ୍ ପ୍ରକାଶ ରାଜଭର ମଧ୍ୟ ଅଛନ୍ତି । ବିଜେପି ନେତା ଅପର୍ଣ୍ଣା ଯାଦବ ମଧ୍ୟ ଏହି ତାଲିକାରେ ଅଛନ୍ତି । ସୂତ୍ର ଅନୁଯାୟୀ, ପ୍ରତ୍ୟେକ ବୁଲେଟପ୍ରୁଫ୍ ଜ୍ୟାକେଟ୍‌ର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ । ପ୍ରଥମ ପର୍ଯ୍ୟାୟରେ ୮ ଜଣ ନେତାଙ୍କୁ ଜ୍ୟାକେଟ୍ ମିଳିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୪୪ ଜଣଙ୍କୁ ଯୋଗାଇ ଦିଆଯାଇଥିଲା । ସ୍ୱତନ୍ତ୍ର ଦେବ ସିଂହ, ଜୟବୀର ସିଂହ ଓ ମହେନ୍ଦ୍ର ସିଂହଙ୍କ ସମେତ ଅନ୍ୟ କେତେକ ବିଜେପି ନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ବୃଦ୍ଧି କରାଯାଇଛି । ◆◆ପୃଷ୍ଠା ୭

# ୟୁକ୍ରେନର ସପିଙ୍ଗ୍ ମଲ୍‌ରେ ରୁଷର ଡ୍ରୋନ୍ ଆକ୍ରମଣ: ୧୬ ମୃତ, ୧୩୦ ଆହତ



ନୂଆଦିଲ୍ଲୀ,୨୨/୮ : ୟୁକ୍ରେନର ସପିଙ୍ଗ୍ ମଲ୍ ଉପରେ ରୁଷର ଡ୍ରୋନ୍ ଆକ୍ରମଣ, ୧୬ ମୃତ, ଶତାଧିକ ଆହତ । ପୂର୍ବ ୟୁକ୍ରେନର କ୍ରିଭି ରିଗ୍ ସହରରେ ରୁଷିଆ ପକ୍ଷରୁ ଭୟାନକ ଡ୍ରୋନ୍ ଆକ୍ରମଣ କରାଯାଇଛି । ଜନଗହଳିପୂର୍ଣ୍ଣ ସପିଙ୍ଗ୍ ସେଣ୍ଟରକୁ ଲକ୍ଷ୍ୟ କରି କରାଯାଇଥିବା ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩୦ ଜଣ ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରେ ୨୩ ଜଣ ଶିଶୁ ଅଛନ୍ତି । ସେହିପରି ମାଇକୋଲେଭ୍ ଅଞ୍ଚଳରେ ହୋଇଥିବା ଅନ୍ୟ ଏକ ଆକ୍ରମଣରେ ୩ ଜଣ ଶିଶୁଙ୍କ ସମେତ ୪ ଜଣଙ୍କର ପ୍ରାଣହାନି ଘଟିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଜନ୍ମସ୍ଥାନ କ୍ରିଭି ରିଗରେ ପ୍ରଥମ ଡ୍ରୋନ୍ ଆକ୍ରମଣର ପ୍ରାୟ ଅଧଘଣ୍ଟା ପରେ ◆◆ପୃଷ୍ଠା ୭

# ମିତ୍ରପୁର ବ୍ଲୁ ଲେକରେ ଗାଧୋଇବାକୁ ଯାଇ ଦୁଇ କଲେଜ ଛାତ୍ର ନିଖୋଜ: ଉଦ୍ଧାରକାର୍ଯ୍ୟ ଜାରି



ନୀଳଗିରି, ୨୨/୮ (ନି.ପ୍ର): ଶନିବାର ଦିନ ପ୍ରାୟ ୧୦ଟା ସମୟରେ +୨ ଦ୍ୱିତୀୟ ବର୍ଷର ତିନିଜଣ ସାଙ୍ଗ ଏକ ବାଇକରେ ମିତ୍ରପୁର ବ୍ଲୁ ଲେକ କୁ ଗାଧୋଇବା ପାଇଁ ଆସିଥିଲେ।ଦୁଇଜଣ ସାଙ୍ଗ ଭିତରକୁ ଗାଧୋଇବାକୁ ଯାଇଥିବା ବେଳେ ଅନ୍ୟଜଣେ ସାଙ୍ଗ ପହଁରା ଜାଣିନଥିବାରୁ ଆଡ଼ିରେ ବସିରହିଥିଲା। ଅତାଳ ତାଳ ପାଣି ଭିତରେ ଦୁଇସାଙ୍ଗଙ୍କ ପାଦ ନ ପାଇବାରୁ ବୁଡ଼ିଯାଉଥିବା ବେଳେ ଆଡିରେ ଥିବା ସାଙ୍ଗକୁ ହାତ ହଲେଇ ଉଦ୍ଧାର କର ବୋଲି କହୁଥିଲେ। ଆଡିରେ ଥିବା ସାଙ୍ଗଜଣକ ଅନ୍ୟଜଣେ ପହଁରି ପହଁରି ଆସୁଥିବା ଯୁବକକୁ ମୋସାଙ୍ଗ ଦୁଇଜଣଙ୍କୁ ଉଦ୍ଧାର କର ବୋଲି ନେହୁରା ହୋଇଥିଲା, ମାତ୍ର ଗଭୀର ପାଣି ଥିବାରୁ ଯୁବକଜଣକ ମନା କରିବାରୁ ନିରୁପାୟ ହୋଇ ସ୍ଥାନୀୟ ଲୋକଙ୍କୁ ଖବରଦେବା ପରେ ନୀଳଗିରି ଥାନାର ଆଇ.ଆଇ.ସି, ଏସ.ଡି ପି ଓ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଦମକଳ ବାହିନୀ, ଓଡ୍ରାଫ୍ ଟିମକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ, ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ସୂଚନା ମୁତାବକ କେନ୍ଦୁଝର ଜିଲ୍ଲାର ଶୋଷ ଥାନା ଅନ୍ତର୍ଗତ ଆର୍ଣ୍ଡୁକଣ ଗ୍ରାମର ଅର୍ଜୁନ ନାୟକଙ୍କ ପୁଅ ରୋଶନ ନାୟକ (୧୮) ରେମୁଣା କଲେଜରେ +୨ ଦ୍ୱିତୀୟ ବର୍ଷର ଛାତ୍ର ଥିବାବେଳେ ନିଖୋଜ ଦୁଇସାଙ୍ଗ ହେଲେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଅଞ୍ଚଳର ଭବିଷ୍ୟ ପାତ୍ର (୧୮) ଯିଏକି ବାଲେଶ୍ୱର ଫକୀର ମୋହନ କଲେଜରେ+୨, ବାଣିଜ୍ୟରେ ଦ୍ୱିତୀୟବର୍ଷର ଛାତ୍ର ଏବଂ ଉକ୍ତ କଲେଜର +୨ବାଣିଜ୍ୟର ଦ୍ୱିତୀୟ ବର୍ଷର ଛାତ୍ର ଅଂଶୁମାନ ପାତ୍ର(୧୮) ଭଦ୍ରକ ଅଞ୍ଚଳର ବୋଲି ଜଣାପଡ଼ିଛି। ନିଖୋଜ ଅଂଶୁମାନ ପାତ୍ର ବାଲେଶ୍ୱର ବିନାୟକ ହଷ୍ଟେଲରେ ରହୁଥିବା ବେଳେ ଭବିଷ୍ୟ ପାତ୍ର ବାଲେଶ୍ୱରରେ ଭଡ଼ା ଘରେ ରହୁଥିଲେ। ରୋଶନ ନାୟକ ବାଲେଶ୍ୱର ତାରିଣୀ ଛକ ନିକଟରେ ଭଡ଼ା ଘରେ ରହୁଥିଲେ। ଖବର ଲେଖାହେବା ବେଳକୁ ନିଖୋଜ ଛାତ୍ରମାନଙ୍କୁ ଉଦ୍ଧାର କରାଯାଇନଥିବା ଜଣାପଡିଛି।

# ଜୀବନ ଓ ଜୀବିକାର ମାଧ୍ୟମ କୋରାପୁଟ ଜିଲାର ସାପ୍ତାହିକ ହାଟ

ଜୟପୁର, ୨୨/୮ (ନି.ପ୍ର): କୋରାପୁଟ ଜିଲ୍ଲାର ଆଦିବାସୀ ଅଧୁଷିତ ଅଧିବାସୀଙ୍କ ଜୀବନ ଜୀବିକା ସହ ଜଡିତ ହୋଇଛି ସପ୍ତାହିକ ହାଟ । କୋରପୁଟ ଜିଲାର ୧୪ଟି ବ୍ଲକରେ ସପ୍ତାହିକ ହାଟ ରହିଛି । ଜୟପୁର, କୋରାପୁଟ, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, କୁନ୍ଦୁରା, ସେମିଲିଗୁଡା, ନନ୍ଦପୁର, ଲକ୍ଷ୍ମୀପୁର, ପାଡୁଆ, ପଟାଙ୍ଗୀ ହାଟର କିଣା ବିକା ଠାରୁ ଆରମ୍ଭ କରି ସ୍ନେହ ସମ୍ପର୍କ ଆଦି ଜାବୁଡି ରଖିଛି ଏହି ହାଟ । ସାମାଜିକ ଚଳଣି ଓ ପରମ୍ପରା ସାଙ୍ଗକୁ ପର୍ବପର୍ବାଣୀରେ ଭରିରହିଥାଏ ଅପୂର୍ବ ମିଳନ । ଯାହା କେଉଁ ପ୍ରାଚୀନ କାଳରୁ ଆଦିବାସୀ ସାପ୍ତାହିକ ହାଟ ସହିତ ଆଦିବାସୀ, ବନବାସୀଙ୍କ ଜୀବନ ଓ ଜୀବିକା ଜଡିତ ହୋଇ ରହିଥିବା ବେଳେ ସାମାଜିକ ଜୀବନରେ ହାଟ ଏକ ଜୀବନ ର ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ ଅତୀତରେ ଏହି ସାପ୍ତାହିକ ହାଟରେ ଭାବର ଆଦାନ ପ୍ରଦାନ ସହ ବନବାସୀଙ୍କ ପୂର୍ବପୁରୁଷ କନ୍ୟା ପସନ୍ଦ କରି ବିବାହ କରିଥିବାର ବହୁ ନଜିର ରହିଛି । ସାପ୍ତାହିକ ହାଟରେ ସକାଳୁ ବେପାରୀ ଓ ଗ୍ରାହକଙ୍କ ଭିଡ ଲାଗିବାସହ ଆରମ୍ଭ ହୁଏ କିଣାବିକା ଓ ସେହିଭଳି ହାଟ ଭିଡ ଭିତରେ ମନ ଖୋଜୁଥିବା ମଣିଷ ମଇତ୍ର, ସମୁଦୀ ଅଥବା ଆତ୍ମୀୟ ସ୍ୱଜନ ଦେଖା ମିଳିଗଲେ ପାରମ୍ପରିକ ସ୍ୱାଗତ ଜୁହାର ହେବା ସହ ତେଲଲୁଣ ସଂସାରର କ୍ଷଣିକ ଦୁଃଖ ଭୁଲିଯାଇ ଖୁସି ସମୟ ମନେ ପକାଇ ବିଭୋର ହୋଇଥାନ୍ତି ବନବାସୀ । ଏଥିସହିତ ଏହି ସାକ୍ଷାତରେ ପର୍ବପର୍ବାଣୀ ଓ ବିବାହ ନିମନ୍ତେ ନିମନ୍ତ୍ରଣ କରାଯାଏ ଓ ଆଜି ବି ସାପ୍ତାହିକ ହାଟ ଏକ ବହୁମୁଖୀ ମଂଚ ଭାବେ ପରିଚିତ । ଯେଉଁଠି ସଚେତନତା ବାର୍ତ୍ତା ସହ ସରକାରୀ ଯୋଜନାର ପ୍ରଚାର ଓ ନିର୍ବାଚନ ପ୍ରଚାର କରାଯାଇଥାଏ । ଅନ୍ୟପକ୍ଷରେ ଆଦିବାସୀ ହାଟରେ ପନିପରିବା କୁଡାରେ ବିକ୍ରି ଓ ଅନ୍ୟ ଶସ୍ୟ ଦ୍ରବ୍ୟ ଡବା ମାପରେ ବିକ୍ରିର ପରମ୍ପରା ଆଜିବି ବଂଚିଛି । ଦୁଇ ଭାଗ କିଣିଲେ ଗ୍ରାହକଙ୍କ ମନଜାଣି ଗୋଟିଏ ଭାଗ ପୁରାଣୀ ଅର୍ଥାତ ମାଗଣା ଦେବା ପରମ୍ପରା ରହିଛି । ହାଟରେ ମହିଳା ବେପାରୀଙ୍କ ସଂଖ୍ୟା ଅଧିକ ରହିଥିବା ବେଳେ ଏଠାରେ ଛୁଚି ଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ଉପକରଣ ମିଳିଥାଏ । ଆଉ ଚୁଡ଼ି ଠାରୁ ଶାଢ଼ୀ ମହିଳା ପ୍ରଶାଧନ ସାମଗ୍ରୀର ସମ୍ଭାର ଦେଖିବାକୁ ମିଳିଥାଏ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ଆଇନ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ , ୨୨/୮ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ 'ଶକ୍ତିଶ୍ରୀ' କାର୍ଯ୍ୟଶାଳାର ପୋକ୍ସ୍ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ତଥା ଶିକ୍ଷାବିତ୍ ଡଃ ରାଧାରାଣୀ ମହାପାତ୍ର ଯୋଗଦେଇ ଆଇନ୍ ସଚେତନତାର ଗୁରୁତ୍ୱ ଉପରେ ମତଦାନ କରିବା ସଂଗେ ସଂଗେ ଛାତ୍ରୀମାନେ ଆତ୍ମନିର୍ଭର ଓ ଆତ୍ମସୁରକ୍ଷା ନିଜର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଡ଼. କୃପାସିନ୍ଧୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଆଇନ୍ ସଚେତନତା ଏବଂ ସାମାଜିକ ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନେ ପୋକ୍‌ସୋ ଆଇନ୍ ଓ ଶୃଙ୍ଖଳା ସଂପର୍କରେ ମତ ରଖିଥିଲେ । 'ଶକ୍ତିଶ୍ରୀ'ର ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଗୌରାଙ୍ଗ ଦାସ, ରଘୁନାଥ ନାୟକ ଓ ଆଶୁତୋଷ ସିଂ ସଭାପରିଚାଳନାରେ ସହଯୋଗ କରିଥିଲେ ।

# ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର୍ ଲେଭଲ୍ ଆଥଲେଟିକ୍ସ ମିଟ୍-୨୦୨୬

## ମୟୂରଭଞ୍ଜ କ୍ରୀଡ଼ା ଅଧିକାରୀ ବୈଷୟିକ ଷ୍ଟାଫ୍ ଭାବେ ମନୋନୀତ




ବାରିପଦା, ୨୨/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ଶୁଭାଶିଷ ନାୟକଙ୍କୁ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର୍ ଲେଭଲ୍ ଆଥଲେଟିକ୍ସ ମିଟ୍-୨୦୨୬ ପାଇଁ ବୈଷୟିକ ଷ୍ଟାଫ୍ ଭାବେ ଚୟନ କରାଯାଇଛି । ଏହି ଅନ୍ତର୍ଜାତୀୟସ୍ତରୀୟ ଆଥଲେଟିକ୍ସ ମିଟ୍ ଆସନ୍ତା ୨୨ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ବାରେ ଅନୁଷ୍ଠିତ ହେବ । ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ବୈଷୟିକ ଦାୟିତ୍ୱ ନିର୍ବାହ ପାଇଁ ଡ. ନାୟକଙ୍କ ଚୟନ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ବିଷୟ । ଏହି ଚୟନ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା, ଅଭିଜ୍ଞତା ଓ ବୈଷୟିକ ଜ୍ଞାନର ସ୍ୱୀକୃତି ବହନ କରୁଛି । ସୂଚନାଯୋଗ୍ୟ ଯେ, ଡ. ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ୭୨ତମ ଓଡ଼ିଶା ରାଜ୍ୟ ଜୁନିଅର ଆଥଲେଟିକ୍ସ ଚାମ୍ପିୟନଶିପ୍ – ୨୦୨୬ ରାଇରଙ୍ଗପୁରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାର ସଫଳ ଆୟୋଜନରେ ତାଙ୍କର ଦକ୍ଷତା, ଅଭିଜ୍ଞତା ଓ ନେତୃତ୍ୱର ପ୍ରତିଫଳନ ଦେଖିବାକୁ ମିଳିଥିଲା । ଏହି ଗୌରବମୟ ସଫଳତା ପାଇଁ ଡ. ନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିବା ସହ ବିଶ୍ୱ କଣ୍ଟିନେଣ୍ଟାଲ୍ ସିଲଭର ଲେଭଲ୍ ଆଥଲେଟିକ୍ସ ମିଟ୍‌ରେ ତାଙ୍କର ବୈଷୟିକ ଦାୟିତ୍ୱର ସଫଳ ନିର୍ବାହ ପାଇଁ ଶୁଭେଚ୍ଛା ଜଣାଯାଇଛି ।

# ସାଇମ୍ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ




ଭୁବନେଶ୍ୱର, ୨୨/୮ (ନି.ପ୍ର): କଲେଜ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଏଜୁକେସନ୍, ଭୁବନେଶ୍ୱର ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷରେ ନବନିଯୁକ୍ତ ଏମ୍‌ବିଏ, ଏମ୍‌ସିଏ ଏବଂ ଏମ୍.ଏସ୍‌ସି. (କମ୍ପ୍ୟୁଟର ସାଇନ୍ସ) ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁବାର ଦିନ ଦୁଇଦିନିଆ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ଅତିଥିମାନଙ୍କୁ ସ୍ୱାଗତ କରିବା ପରେ ପାରମ୍ପରିକ ଭାବେ ପ୍ରଦୀପ ପ୍ରଜ୍ୱଳନ ଏବଂ ବିପିୟୁଟି ସଙ୍ଗୀତ ଗାନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। CIMEର ପ୍ରିନ୍ସିପାଲ ପ୍ରଫେସର (ଡ.) ଦୀପକ କୁମାର ସାହୁ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଅନୁଷ୍ଠାନରେ ଉପଲବ୍ଧ ବିଭିନ୍ନ ଶିକ୍ଷା, ପେଶାଗତ ଓ ବିକାଶମୂଳକ ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀମାନେ ବରିଷ୍ଠ ପେଶାଦାର ଓ ଶିଳ୍ପଜଗତର ବିଶେଷଜ୍ଞମାନଙ୍କ ସହ ଭାବବିନିମୟ କରିଥିଲେ। ଏଥିରେ ଭୁବନେଶ୍ୱରସ୍ଥିତ LTI Mindtreeର ପ୍ରିନ୍ସିପାଲ ଡାଇରେକ୍ଟର ଶ୍ରୀ ରାମ ପ୍ରସାଦ ପଟ୍ଟନାୟକ, VVDN Technologies Pvt. Ltd.ର ଭାଇସ୍ ପ୍ରେସିଡେଣ୍ଟ (ଇଞ୍ଜିନିୟରିଂ) ପ୍ରଫେସର (ଡ.) ଅଜିତ କୁମାର ପଣ୍ଡା, ଖୋର୍ଦ୍ଧାସ୍ଥିତ ITCର ଜେନେରାଲ ମ୍ୟାନେଜର ଶ୍ରୀ ପ୍ରତ୍ୟୁଷ କୁମାର ନାୟକ ଏବଂ ପୂର୍ବତନ IRS ଅଧିକାରୀ ତଥା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ Livelihood Alternativese CMD ଶ୍ରୀ ସମ୍ବିତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବକ୍ତାମାନେ ଶିଳ୍ପଜଗତର ଆଶା ଓ ଆବଶ୍ୟକତା, ପେଶାଗତ ଦକ୍ଷତା, ନେତୃତ୍ୱ ଗୁଣ ସହିତ ଭାବନାତ୍ମକ ଓ ସାମାଜିକ ବୁଦ୍ଧିମତ୍ତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ ପ୍ରଭାବଶାଳୀ ଶିକ୍ଷଣ ପ୍ରଣାଳୀ, ମାଇଣ୍ଡ ମ୍ୟାପିଂ, ଆତ୍ମସ୍ଥିରତା ଓ ଆତ୍ମବିଶ୍ୱାସ ବିକାଶ ସହିତ ପରିବର୍ତ୍ତନଶୀଳ ପେଶାଜଗତର ନୂତନ ଆବଶ୍ୟକତା ଓ ଆହ୍ୱାନଗୁଡ଼ିକ ପାଇଁ ନିଜକୁ କିପରି ପ୍ରସ୍ତୁତ କରିବା, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହ ଏମ୍‌ବିଏ ବିଭାଗର ମୁଖ୍ୟ ଡ. ଦେବାଶିଷ ମହାନ୍ତି ଏବଂ ଏମ୍‌ସିଏ ବିଭାଗର ମୁଖ୍ୟ ଡ. ରାଜଲକ୍ଷ୍ମୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ। ବରିଷ୍ଠ ଅଧ୍ୟାପିକା ଡ. ବିଦ୍ୟା ଦାଶଙ୍କ ଧନ୍ୟବାଦ ଅର୍ପଣ ସହିତ ଏହି ଅଧିବେଶନର ସମାପନ ହୋଇଥିଲା। ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ନବାଗତ ଛାତ୍ରଛାତ୍ରୀମାନଙ୍କୁ ନିଜର ଶିକ୍ଷାଗତ ଯାତ୍ରାକୁ ସ୍ପଷ୍ଟ ଭାବେ ବୁଝିବା, ଶିଳ୍ପଜଗତର ଅଭିଜ୍ଞ ନେତୃତ୍ୱମାନଙ୍କ ସହ ଭାବବିନିମୟ କରିବା ଏବଂ ଅଧିକ ଆତ୍ମବିଶ୍ୱାସ, ସ୍ପଷ୍ଟତା ଓ ଦୃଢ଼ ମନୋଭାବ ସହ ନିଜର ଶିକ୍ଷା ଯାତ୍ରା ଆରମ୍ଭ କରିବାର ଏକ ଉତ୍ତମ ସୁଯୋଗ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମଟି ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। BPUTର କୁଳପତି ମଧ୍ୟ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବାକୁ ସମ୍ମତି ଜଣାଇଛନ୍ତି।

# ସାର ଅଭାବ ଓ କଳାବଜାର ହୋଇପାରେ ଚାଷ ସମସ୍ୟା

ଜୟପୁର, ୨୨/୮ (ନି.ପ୍ର): କୋରାପୁଟ ଜିଲ୍ଲାରେ ବର୍ଷା ସହ ଚାଷ କାର୍ଯ୍ୟ ଜୋରଦାର ଭାବେ ଆରମ୍ଭହୋଇଛି। ଲଗାଣ ବର୍ଷା ପରେ ଚାଷୀ ଧାନ ତଳି ପ୍ରସ୍ତୁତି, ବିହନ ବୁଣା, ଜମି ଚାଷ ଏବଂ ରୋପଣ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି। ହେଲେ ଏହି ସମୟରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି ରାସାୟନିକ ସାରର ଉପଲବ୍ଧତା। ବିଶେଷ କରି ୟୁରିଆ, ଡିଏସି, ଏନ୍‌ପିକେ, ଏମ୍‌ଓପି ଓ ଅନ୍ୟାନ୍ୟ ସାରର ଚାହିଦା ହଠାତ୍ ବଢ଼ିଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। କୋରାପୁଟ ଜିଲା ଏକ କୃଷି ପ୍ରଧାନ ଜିଲ୍ଲା ଓ ଏଠାରେ ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ। ବର୍ଷା ଠିକ୍ ସମୟରେ ହେଲେ ଚାଷୀ ତୁରନ୍ତ ସାର ସଂଗ୍ରହ କରି ଫସଲରେ ପ୍ରୟୋଗ କରିବାକୁ ଚାହାନ୍ତି ଓ କାରଣ ଚାଷର ପ୍ରତ୍ୟେକ ପର୍ଯ୍ୟାୟରେ ସାରର ଆବଶ୍ୟକତା ଭିନ୍ନ ଭିନ୍ନ ଥାଏ। ବିହନ ବୁଣିବାବେଳେ ଡିଏପି ଓ ଏନ୍‌ପିକେର ଚାହିଦା ଅଧିକ ଥିବାବେଳେ ରୋପଣ ପରେ ଗଛର ବୃଦ୍ଧି ପାଇଁ ୟୁରିଆର ବ୍ୟବହାର ବଢ଼ିଥାଏ। ଯଦି ଠିକ୍ ସମୟରେ ସାର ମିଳିନଥାଏ ତେବେ ଫସଲର ବୃଦ୍ଧି ବାଧାପ୍ରାପ୍ତ ହେବା ସହ ଉତ୍ପାଦନ ମଧ୍ୟ କମିଯିବାର ଆଶଙ୍କା ରହିଥାଏ। ପ୍ରତିବର୍ଷ ଚାଷ ଋତୁ ଆସିଲେ ସାର ବଂଟନକୁ ନେଇ କୋରାପୁଟ ଜିଲ୍ଲାରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇଥାଏ। ଅନେକ ସମୟରେ ସମବାୟ ସମିତି ଓ ଅନୁମୋଦିତ ସାର ବିକ୍ରୟ କେନ୍ଦ୍ରରେ ଚାଷୀ ସାର ପାଇଁ ଲମ୍ବା ଧାଡ଼ି ଲଗାଇଥାନ୍ତି ଓ ଘଂଟା ଘଂଟା ଅପେକ୍ଷା କରିବା ପରେ ମଧ୍ୟ ଅନେକ ଚାଷୀ ପୂବ ବର୍ଷ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳିଥାଏ। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ସାରକୁ ଲୁଚାଇ ରଖି ଅଧିକ ଦାମରେ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ଆସିଥାଏ। ଏହି କଳାବଜାରି ଯୋଗୁଁ ସରକାର ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ଦେଇ ସାର କିଣିବାକୁ ଚାଷୀ ବାଧ ହେଉଥିବାରୁ ସେମାନଙ୍କ ଆର୍ଥିକ ବୋଝ ବଢ଼ିଯାଉଥିବା ଦେଖବାକୁ ମିଳିଥାଏ। କୃଷି ବିଶେଷଜ୍ଞଙ୍କ ମତରେ ବର୍ଷା ପରେ ପ୍ରଥମ ଏକରୁ ଦୁଇ ମାସ ସାରର ଚାହିଦା ସର୍ବାଧିକ ରହିଥାଏ। ଏହି ସମୟରେ ଯଦି ପର୍ଯ୍ୟାପ୍ତ ପରିମାଣର ସାର ଯୋଗଣ ନହୁଏ କିମ୍ୱା ବଂଟନ ବ୍ୟବସ୍ଥାରେ ଅବ୍ୟବସ୍ଥା ଦେଖାଯାଏ ତେବେ ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି। ଠିକ୍ ସମୟରେ ସାର ପ୍ରୟୋଗ ନହେଲେ ଫସଲର ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପଡ଼େ ଏବଂ ଅମଳ ହ୍ରାସ ପାଇଥାଏ। କୋରାପୁଟ ଜିଲା ଅନେକ ଅଂଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ଅଧିକ। ଏମାନେ ଋଣ କରି କିମ୍ବା ଧାର ଉପରେ ଚାଷ କରୁଥିବାରୁ ସାରର ଦର ବଢ଼ିଲେ କିମ୍ବା ସମୟରେ ନମିଳିଲେ ସେମାନଙ୍କ ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହୋଇପଡ଼େ। ଅନେକ ଚାଷୀ ବାଧହୋଇ ବେସରକାରୀ ଦୋକାନରୁ ଅଧିକ ଦାମରେ ସାର କିଣିଥାନ୍ତି ଓ ଏହା ଚାଷ ଖର୍ଚ୍ଚ ବଢ଼ାଇବା ସହ ଲାଭର ପରିମାଣକୁ ମଧ୍ୟ କମାଇ ଦେଇଥାଏ ଓ ତେବେ ଜିଲ୍ଲାରେ ପୂର୍ବ ବର୍ଷ ହୋଇଥିବା ସାର ବଂଟନ ଅନିୟମିତତା ଓ କଳାବଜାର ଘଟଣା ଉପରେ ନଜର ପକାଇଲେ ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବାନେଇ ଆଶଙ୍କା ପ୍ରକାଶ ପାଇଛି। କୃଷି ବିଭାଗ ସହ ମିଳିତ ଟିମ୍ କୁନ୍ଦୁରା, କୋଟପାଡ଼ ଜୟପୁରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏମିତିରେ ଚାଷୀଙ୍କ ଦାବି ଅନୁସାରେ ସରକାର ପ୍ରତ୍ୟେକ ସମବାୟ ସମିତି ଓ ଅନୁମୋଦିତ ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ କରାଇବା ସହ ବଂଟନ ବ୍ୟବସ୍ଥା ଉପରେ କଡ଼ା ନଜର ରଖିବା ଆବଶ୍ୟକ। ସେହିପରି ସାରର କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଆବଶ୍ୟକତା ଅନୁଯାୟୀ ସନ୍ତୁଳିତ ସାର ବ୍ୟବହାର କରିବା, ମୃତିକା ପରୀକ୍ଷା ଆଧାରରେ ସାର ପ୍ରୟୋଗ କରିବା ଏବଂ ଅନୁମୋଦିତ ବିକ୍ରେତାଙ୍କ ଠାରୁ ରସିଦ ସହ ସାର କିଣିବାକୁ ପରାମର୍ଶ ଦିଆଯାଇଛି । ଏହାଦ୍ୱାରା ଅନିୟମିତତା ରୋକାଯିବା ସହ ଚାଷୀଙ୍କ ସ୍ୱାର୍ଥ ମଧ୍ୟ ସୁରକ୍ଷିତ ରହିପାରିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ସହ କୋରାପୁଟ ଜିଲାର ବୈପାରିଗୁଡ଼ା, ଜୟପୁର, ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରାରେ ଚାଷ କାର୍ଯ୍ୟ ଗତି ଧରିଥିବାବେଳେ ସାରର ନିରବଚ୍ଛିନ୍ନ ଯୋଗାଣ ଏବଂ କଳାବଜାରି ରୋକିବା ଏବେ ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି କୃଷି ବିଭାଗ ତରଫରୁ ବୈପାରିଗୁଡ଼ା, ଜୟପୁର କୁନ୍ଦୁର, କୋଟପାଡ଼ରେ ଚଢ଼ାଉ କରି ସାର ଜବତ କରିବା ସହ ନୋଟିସ କରି ତାଗିଦ କରିଥିଲା। ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଗଲେ ଚାଷୀ ନିର୍ବିଘ୍ନରେ ଚାଷ କାର୍ଯ୍ୟ ସମ୍ପନ୍ନ କରି ଭଲ ଅମଳ ଆଶା କରିପାରିବେ। ଅନ୍ୟଥା ସାର ଅଭାବ, କଳାବଜାର ଏବଂ ବଢ଼ୁଥିବା ଚାଷ ଖର୍ଚ୍ଚ ଚାଷୀଙ୍କ ସମସ୍ୟାକୁ ଆହୁରି ଗମ୍ଭୀର କରିଦେବ। ଏହୁକୁ ଦୃଷ୍ଟିରେ କୃଷି ବିଭାଗ ତତ୍ପରତା ପ୍ରକାଶ କରିଥିବାବେଳେ ଚଢ଼ାଉକୁ ଜୋର ସୋର କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୨/୮ (ନି.ପ୍ର): ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ନୟାପଲ୍ଲୀ ୩୮ ନମ୍ବର ୱାର୍ଡର ଅନେକ ମାନ୍ୟଗଣ୍ୟ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଜଣାଇବା ପାଇଁ ପୂଜ୍ୟ ପୂଜାର ପରମ୍ପରା ଅନୁସାରେ ଏକ ସମ୍ବର୍ଦ୍ଧନା ପର୍ବ ପାଳିତ ହୋଇଛି । ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ସର୍ବ ଭାରତୀୟ ବରିଷ୍ଠ ନାଗରିକ ସଂଘର ସଭାପତି କୃପାସିନ୍ଧୁ ସାହୁ, ପୂର୍ବତନ ପୋଲିସ ଡିଜି ସଂଜୀବ ମାରିକ, ଶିଳ୍ପପତି ଡଃ ଗଗନ ରାଉତ, ନିରଞ୍ଜନ ପଣ୍ଡା (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ), ଆସିଆ ବେଗମ (୪୦ ନମ୍ବର ୱାର୍ଡ କର୍ପୋରେଟର), ଶ୍ରୀମତୀ ମଧୁ ମାରିକ, ପୂର୍ବତନ କର୍ପୋରେଟର ନବ କିଶୋର ବେହେରା, ନଟବର ସାମନ୍ତରାୟ, ରମେଶ ପଟ୍ଟନାୟକ (ନୟାପଲ୍ଲୀ ମଣ୍ଡଳ ବରିଷ୍ଠ ନାଗରିକ ସମ୍ପାଦକ), ମହେନ୍ଦ୍ର ବଳବନ୍ତରାୟ (ନୟାପଲ୍ଲୀ ଦୁର୍ଗା ପୂଜା କମିଟି ପୂର୍ବତନ ସମ୍ପାଦକ), ୱାର୍ଡ ଅଫିସର ଭାଗିରଥି ନାୟକ, ସାନିଟାରୀ ଇନସ୍ପେକ୍ଟର ଭାଗ୍ୟଶ୍ରୀ ପ୍ରମୁଖ ଯୋଗଦେଇ ଆଜିର ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ଶ୍ରୀମଦ ଭଗବତ ଗୀତା ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା । ବିଗତ ଦିନରେ ଅଞ୍ଚଳବାସୀଙ୍କ ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟ କରି ବର୍ତ୍ତମାନର ଯୁବପିଢ଼ି ପାଇଁ ସେମାନେ ପ୍ରେରଣା ସାଜିଛନ୍ତି, ତେଣୁ ସେହି ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏହି ସମ୍ବର୍ଦ୍ଧନା ପର୍ବ ଆୟୋଜନ କରିଥିବା କଥା ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା ଗଣମାଧ୍ୟମକୁ ପ୍ରକାଶ କରିଥିଲେ। ନୂତନ ୱାର୍ଡ କାର୍ଯ୍ୟାଳୟର ଆଜି ଠାରୁ କାର୍ଯ୍ୟକାରୀ ହେଲା ଏବଂ ଏହି କାର୍ଯ୍ୟାଳୟରେ ଟିକସ ଆଦାୟଠୁ ନେଇ ୱାର୍ଡ ର ବିଭିନ୍ନ ସଭା କାର୍ଯ୍ୟ ଏହିଠାରେ ଅନୁଷ୍ଠିତ ହେବ ବୋଲି ବିଧାୟକ କହିଥିଲେ। କର୍ପୋରେଟର ମହାଶୟାଙ୍କ ହାତରେ ହାତ ମିଶାଇ ଯୁବ ସମାଜସେବୀ ସମରେନ୍ଦ୍ର କୁମାର ଜେନା ଅନେକ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରି ଆସୁଛନ୍ତି । ତାଙ୍କ ତତ୍ତ୍ୱାବଧାନରେ ଗତ ଏକ ମାସ ହେବ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଚାଲୁଅଛି । ଯାହା ଆଗକୁ ମଧ୍ୟ ଚାଲିବ । ବୃକ୍ଷ ରୋପଣ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଜ୍ଞାନ ମେଳା, ସ୍ୱାସ୍ଥ୍ୟ ମେଳା ଆଦି କାର୍ଯ୍ୟକ୍ରମ କରି ଆସୁଛନ୍ତି । ତାଙ୍କ ସହିତ ସହକର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । କର୍ପୋରେଟର ଶ୍ରୀମତୀ ଜେନା ଏବଂ ସମାଜସେବୀ ସମରେନ୍ଦ୍ର ଜେନାଙ୍କ ଏଭଳି ମହତ ଉଦ୍ଦେଶ୍ୟ ପାଇଁ ୱାର୍ଡ ବାସିନ୍ଦା ଅନେକ ପ୍ରଶଂସା କରିଥିଲେ ।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିର ବ୍ଲକ ସେନାଙ୍କ ସଜବାଜ

ବୈଶିଙ୍ଗା , ୨୨/୮ (ନି.ପ୍ର): ଆଗାମୀ ବର୍ଷ ୨୦୨୭ ପ୍ରାରମ୍ଭରେ ଓଡିଶା ପଞ୍ଚାୟତରାଜ ନିୟମ ଅନୁଯାୟୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି । ୨୪ ବର୍ଷ ଧରି ରାଜ୍ୟ ସରକାରଙ୍କ ମଙ୍ଗ ଧରିଥିବା ବିଜୁ ଜନତା ଦଳ ୨୦୨୪ ସାଧାରଣ ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ର ସମସ୍ତ ସଂସ୍ଥାରେ ନିଜର ବାହୁବଳୀ ପ୍ରଭୁତ୍ୱ ଜାହିର ରଖିପାରିଛି । ଏହି ପ୍ରଥା ପୁଣି ଉଜ୍ଜିବୀତ କରିବା ପାଇଁ ସାରା ରାଜ୍ୟରେ ସାଙ୍ଗଠନିକ ପ୍ରକ୍ରିୟାକୁ ପୁରା ତୃଣମୂଳ ସ୍ତରରୁ ସଜାଡିବାରେ ଲାଗିଛି । ଏହି ପରିପେକ୍ଷୀରେ ବେତନଟୀ ର ୨୪ ଟି ପଞ୍ଚାୟତରୁ ୨ଟି ପଞ୍ଚାୟତ ବେତନଟୀ ଏନ ଏ ସି କୁ ଚାଲିଯିବା ପରେ ବାକି ୨୨ଟି ପଞ୍ଚାୟତର ଦଳୀୟ ପଞ୍ଚାୟତ ସଭାପତି ଚୟନ କରାଯିବା ସହିତ ବ୍ଲକ ବିଜେଡି ର ସମସ୍ତ କର୍ମକର୍ତ୍ତା। ଚୟନ କରାଯାଇଥିବା ଜଣାଯାଇଛି। ଏହାଦ୍ୱାରା ତୃଣମୂଳ ସ୍ତରରେ ବିଜେଡି ସୁଦୃଢ ହେବ ବୋଲି ଆଶା କରାଯାଉଛି । ବର୍ତ୍ତମାନ ବଡସାହି ନିର୍ବାଚନ ମଣ୍ଡଳୀରେ ବିଜେପିର ବିଧାୟକ ସନାତନ ବିଜୁଳି ଙ୍କ ମନମାନି କାର୍ଯ୍ୟକଳାପ ପାଇଁ ସାରା ନିର୍ବାଚନ ମଣ୍ଡଳୀରେ ଯେଉଳି ବିରୋଧ ହୋଇ ଚାଲିଛି, ଆଗାମୀ ପଞ୍ଚାୟତ ନିର୍ବାଚନ ରେ ବିଜୁ ଜନତା ଦଳ କୁ ବହୁ ସମର୍ଥନ ମିଳିବ ବୋଲି ଆଶା କରାଯାଉଛି ।



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଲୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୪୨ ରାକ୍ଷସ ଅଲାଭାକା (ନରଭକ୍ଷୀର ରୂପାନ୍ତରଣ) (ଖ)

ଅଲାଭାକା କହିଲା, "ମୁଁ କେତେ ମୂର୍ଖ ଯେ ଏହି ତପସ୍ୱୀଙ୍କୁ ଭୟଭୀତ କରିବା ପାଇଁ ମୋର ଶକ୍ତି ଅପଚୟ କରିଦେଲି।" ତେଣୁ ସେ ବୁଦ୍ଧଙ୍କୁ ପୁଣି ଗୁମ୍ଫା ଭିତରକୁ ପ୍ରବେଶ କରିବାକୁ କହିଲେ। ରାକ୍ଷସ ବୁଦ୍ଧଙ୍କୁ ତିନିଥର ଗୁମ୍ଫାରୁ ବାହାରକୁ ଯିବାକୁ ଏବଂ ତିନିଥର ଭିତରକୁ ପ୍ରବେଶ କରିବାକୁ ନିର୍ଦ୍ଦେଶ ଦେଲା, ଏହି ଉଦ୍ଦେଶ୍ୟରେ ଯେ ସେ ବୁଦ୍ଧଙ୍କୁ କ୍ଲାନ୍ତ କରି ମାରିପାରିବ। ପ୍ରତ୍ୟେକ ଥର ବୁଦ୍ଧ ଦାନବର ଆଦେଶକୁ ପାଳନ କଲେ। କିନ୍ତୁ ଯେତେବେଳେ ରାକ୍ଷସ ବୁଦ୍ଧଙ୍କୁ ଚତୁର୍ଥ ଥର ପାଇଁ ଚାଲିଯିବାକୁ କହିଲେ, ବୁଦ୍ଧ ତାହା କରିବାକୁ ମନା କରିଦେଲେ ଏବଂ କହିଲେ, "ମୁଁ ତୁମର ନିର୍ଦ୍ଦେଶ ଆଉ ମାନିବି ନାହିଁ, ଅଲାଭାକା। ତୁମେ ଯାହା କରିପାରିବ କର, କିନ୍ତୁ ମୁଁ ଏଠାରେ ରହିବି।"


ବୁଦ୍ଧଙ୍କୁ ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିବାରେ ଯେତେବେଳେ ଅଲାଭାକା ଅସମର୍ଥ ହେଲେ, ସେତେବେଳେ ତାଙ୍କ ରଣନୀତି ପରିବର୍ତ୍ତନ କଲେ ଏବଂ କହିଲେ, "ମୁଁ ତୁମକୁ କିଛି ପ୍ରଶ୍ନ ପଚାରିବି, ଯଦି ତୁମେ ଉତ୍ତର ଦେଇପାରିବ ନାହିଁ, ତେବେ ମୁଁ ତୁମର ହୃଦୟକୁ ଖଣ୍ଡଖଣ୍ଡ କରିବି, ତୁମକୁ ହତ୍ୟା କରି ନଦୀର ଆରପାଖକୁ ଫିଙ୍ଗି ଦେବି।"

ବୁଦ୍ଧ ତାକୁ ଶାନ୍ତ ଭାବରେ କହିଲେ, ହେ ଅଲାଭାକା ମଣିଷ ହେଉ କି ଦେବ ବା ତପସ୍ୱୀ; ବ୍ରହ୍ମ ହେଉ କି ବ୍ରାହ୍ମଣ, କେହି ମୋ ସହିତ ଏପରି କାମ କରିପାରିବେ ନାହିଁ। କିନ୍ତୁ ଯଦି ତୁମେ କିଛି ପଚାରିବାକୁ ଚାହୁଁଛ ତେବେ ପଚାରିପାର।"

ଅଲାଭାକା କିଛି ପ୍ରଶ୍ନ ପଚାରିଥିଲେ ଯାହା ସେ ତାଙ୍କ ପିତାମାତାଙ୍କ ଠାରୁ ଶିଖିଥିଲେ, ଯେଉଁମାନେ ପିଢ଼ି ପରେ ପିଢ଼ି ଶିଖି ଆସିଥିଲେ। ସେ ଉତ୍ତରଗୁଡ଼ିକୁ ଭୁଲି ଯାଇଥିଲା, ମାତ୍ର ସେ ସୁବର୍ଣ୍ଣ ପତ୍ରରେ ପ୍ରଶ୍ନଗୁଡ଼ିକୁ ଲେଖି ସଂରକ୍ଷଣ କରିଥିଲା। ପ୍ରଶ୍ନଗୁଡ଼ିକ ଥିଲା:

"ଜଣେ ମନୁଷ୍ୟ ନିମନ୍ତେ ସବୁଠାରୁ ବଡ଼ ସମ୍ପତ୍ତି କ'ଣ? ଭଲ ଭାବରେ ଆୟତ୍ତ କଲେ କେଉଁ ଜିନିଷ ସର୍ବୋଚ୍ଚ ଆନନ୍ଦ ଦେଇଥାଏ। ସବୁ ସ୍ୱାଦ ମଧ୍ୟରେ ସବୁଠାରୁ ମଧୁର କିଏ? ଜୀବନଯାପନର ସର୍ବୋତ୍ତମ ମାର୍ଗ କ'ଣ?"

"ବିଶ୍ୱାସ ହେଉଛି ଜଣେ ମଣିଷ ନିମନ୍ତେ ସବୁଠାରୁ ବଡ଼ ସମ୍ପତ୍ତି। ଧର୍ମପାଳନ କରିବାରେ ଆନନ୍ଦ ପ୍ରାପ୍ତ ହୋଇଥାଏ। ସତ୍ୟ ହେଉଛି ସର୍ବୋଚ୍ଚ ସ୍ୱାଦ। ଜ୍ଞାନଯୁକ୍ତ ଜୀବନଯାପନ ହେଉଛି



ସର୍ବୋତ୍ତମ ମାର୍ଗ।"

ଅଲାଭାକା ଆହୁରି ଅନେକ ପ୍ରଶ୍ନ ପଚାରିଲା ଯାହାର ଉତ୍ତର ବୁଦ୍ଧ ଦେଇଥିଲେ। ଶେଷ ପ୍ରଶ୍ନଟି ଥିଲା:

"ଏହି ଦୁନିଆରୁ ପରବର୍ତ୍ତୀ ଦୁନିଆକୁ ଯିବା ପରେ, ଜଣେ କିପରି ଦୁଃଖ କରିବ ନାହିଁ?"

ବୁଦ୍ଧଙ୍କ ଉତ୍ତର ଥିଲା :

ଯାହାର ପାଖରେ ଏହି ଚାରୋଟି ଗୁଣ ଅଛି; ଯଥା - ସତ୍ୟନିଷ୍ଠା, ଉଚ୍ଚ ନୈତିକତା, ସାହସ ଓ ଉଦାରତା, ସେ ମୃତ୍ୟୁ ପରେ ଦୁଃଖ କରିବ ନାହିଁ।"

ବୁଦ୍ଧଙ୍କ କଥାର ଅର୍ଥ ବୁଝି ଅଲାଭାକା କହିଲା, "ଏବେ ମୁଁ ଜାଣିପାରିଲି ଯେ ମୋର ଭବିଷ୍ୟତ କଲ୍ୟାଣର ରହସ୍ୟ କ'ଣ। ବୁଦ୍ଧ ମୋର କଲ୍ୟାଣ ଓ ମଙ୍ଗଳ ପାଇଁ ଏଠାକୁ ଆସିଥିଲେ।" ଅଲାଭାକା ବୁଦ୍ଧଙ୍କ ସମ୍ମୁଖରେ ପ୍ରଣାମ କଲା ଏବଂ ଶିଷ୍ୟ ଭାବରେ ଗ୍ରହଣ କରିବାକୁ ଅନୁରୋଧ କଲା।

ପରଦିନ ସକାଳେ ଯେତେବେଳେ ଅଲାଭିର ଅଧିକାରୀମାନେ ରାଜାଙ୍କ ଛୋଟ ପୁଅ ସହିତ ଆସିଲେ, ସେମାନେ ବୁଦ୍ଧ ଅଲାଭାକାଙ୍କୁ ଉପଦେଶ ଦେଉଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଅଲାଭାକା ଧ୍ୟାନର ସହ ଉପଦେଶ ଶୁଣୁଥିଲେ। ଯେତେବେଳେ ବାଳକଟିକୁ ଅଲାଭାକାଙ୍କୁ ହସ୍ତାନ୍ତର କରାଗଲା, ସେ ବାଳକକୁ ବଳି ଭାବରେ ଗ୍ରହଣ କରିବାକୁ ଲଜ୍ଜିତ ହେଲେ। ବାଳକଟିର ମୁଣ୍ଡରେ ଆଘାତ କରିବା ପରିବର୍ତ୍ତେ ତାକୁ ଚୁମ୍ବନ କଲେ ଏବଂ ଅଧିକାରୀମାନଙ୍କୁ ହସ୍ତାନ୍ତର କଲେ। ଏହା ପରେ ବୁଦ୍ଧ ଶିଶୁ ଏବଂ ଅଲାଭାକାଙ୍କୁ ଆଶୀର୍ବାଦ କଲେ।

ପ୍ରକୃତରେ ନରଭକ୍ଷୀ ଅଲାଭାକାଙ୍କ ଧର୍ମାନ୍ତର ଦେଖାଇଦେଲା ଯେ ବୁଦ୍ଧ କିପରି ତାଙ୍କର ମହାନ ଜ୍ଞାନ ଓ କରୁଣା ସହିତ ଜଣେ ବର୍ବର ବ୍ୟକ୍ତିକୁ ବଶୀଭୂତ କରି ତାଙ୍କୁ ଜଣେ ସୁଶୀଳ ଶିଷ୍ୟରେ ପରିଣତ କରିପାରନ୍ତି। (କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମିନିଗଳ୍ପ-୧୮

### ମାମଲା (ଦ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ନାଥଘର ପୁଅ। ଭଲ ମୂର୍ତ୍ତି କରେ। ତଳକୁ ମୁହଁ ପୋତି ଚାଲେ। କାମ ଭଲ ତ ସେ ଭଲ। ଗୁରୁ ତା ପାଇଁ ସିନା ଟେକି ଚାଲନ୍ତି। ମଝିରେ ମଝିରେ ଗାଁ'କୁ ଆସେ। ଗାଁ'ରେ ସମସ୍ତେ ତାକୁ ଗେହ୍ଲା କରନ୍ତି। ସେ ଅନ୍ୟମାନଙ୍କ ପରି କେନ୍ଦରା ଧରିନି। ଲାଉଥାଳ ଝୁଲେଇନି। ପଦାକୁ ଯାଇନି। ସେ ଶିଖୁଚି ସ୍ଥାପତ୍ୟକଳା। ସ୍ଥପତି ସେ।

ବାପା କହେ ଯାଉ ସେ ଯୁଆଡେ। ତା ଇଚ୍ଛା। ଯଉଁଥିରେ ନାଁ କମାଉ। ଭଲକରି କମାଉ। ଯଉବନ ନୂଆ ଛୁଉଁଥାଏ। ନିଶ ଗଜୁରୁ ଥାଏ। କିଶୋରୀଟିଏ ସେଇ ସାହିର ତା ସହ ଦୁଃଖସୁଖ ହେଲା। ରୋଜ ହେଲା। ଲୋକବାକ ନଦେଖିବା ଥାନରେ ହେଲା। କଉଁ କଥା ଅଛପା ରହିବ! ଝିଅଘରେ ଟପକିନା ଫୋଡି ଦେଲେ ଲୋକ। ଝିଅଘର ଆକଟିଲେ। ତଥାପି ଏ ଅଭ୍ୟାସଟି ଛାଡିଲେ ନାହିଁ ଦ'ଜଣ। ଦିନେ ରାଷ୍ଟ୍ର ହୋଇଗଲା ଝିଅ ମା' ହବ। ଚଡଚଡି ପଡିଗଲା ଝିଅ ବାପମା' ମଥାରେ। ପୁଅର ବାପା ଭାଇ ବି ଆଁ' କରି ଅନେଇଲେ। ପଚାରିଲେ :କଣ ସତ?

ପୁଅ ନାହିଁ ନାହିଁ କଲା। ଝିଅପକ୍ଷ ତଥାପି ନଛୋଡବନ୍ଧା। ଚାଷବାସ ସମୟ। ଘରେ ଥାଏ ବିଷାକ୍ତ ଦାନାଦାର। ପୁଅ ଚାରିଟା ଦାନା ପାଟିରେ ପକାଇ ଧାଇଁଲା ଇସ୍କୁଲଘର। ଭିତରୁ କବାଟ କିଳି ଦେଲା। ଗଁଗଁ ଛାଟିପିଟି ହେଲା। ତାକୁ ମେଡିକାଲ ନେଇଗଲେ। ପାଟିରେ ନଳୀ ପଶିବା ଆଗରୁ ଆଖି ବୁଜିଦେଲା ପୁଅ। ତା ପରଦିନ ଝିଅର ବୋଉ ଗାଧୋଇ ଓଦାଲୁଗା ହକାଳି ମିଶ୍ରଟୁବରୁ ଉଠୁଥାଏ। ଝିଅର ବାପା ଆସି କହିଲା : ଯା ଦେଖିବୁ। ମଲାଣି ତୋ ଝିଅ।

ସେ ଉଚ୍ଚାରଣରେ ବି ଧାପେନାକୁ ଅବସୋସ ନଥିଲା ଯେମିତି। ମା' ବି ଶୁଣି ନଶୁଣିଲା ପରି ଘରକୁ ଚାଲିଲା। ଯେମିତି ଏସବୁ ପ୍ରାୟୋଜିତ ଥିଲା।

ଜୁଇ ଜଳିଲା ଦୁଇଟି ଅତୃପ୍ତ ପ୍ରାଣର। ସତ୍ୟ ଅସତ୍ୟ ସବୁ ଧୂଆଁରେ ରହିଗଲା। ପୁଅର ଆବକ୍ଷ ପ୍ରତିମୂର୍ତ୍ତିଟିଏ ମଶାଣିରେ ଗଢିଲେ ଗୁରୁ।

ତାର ଦୁଇଦିନ ପରେ ପୁଅର ବଡ଼ଭାଇ କହୁଥିଲା : ଡାକ୍ତରିମାଇନା ଫମ୍ପା ଫଳ ଦେଲା।

❤ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
(ମୋ) ୯୭୭୬୫୪୬୧୩୦

## ପାଉଁଜିର ପାଣ୍ଡୁଲିପି-୨୯

**ବିପିନ ମହାନ୍ତି**

### ପିଆଲାଏ ଜୀବନ



ପିଆଲାଏ ଏ ଜୀବନ ଢ଼ୋକ ଢ଼ୋକ ଦି'ଢ଼ୋକରେ ସରେ
ସେ ଛୁଆଁରେ ନୂଆ କ'ଣ କାହିଁକି ମୁଁ ସଞ୍ଜ ହେଲେ ମରେ
ଢ଼ୋକେ ପାଇଁ ଲୋକେ ମୋତେ କିଏ କେତେ ବକେ
ନାଚାର ମୁଁ ଆଜିପାଇଁ କାଲି କଥା କିଏ ମନେରଖେ।

ପିଇଦେଇ ମନ ମୋ'ର ପାଉଁଜିର ଶବ୍ଦ ବାରିପାରେ
ବନ୍ଧା ଏ' ଜୀବନ ତୁମ ପାଉଁଜିର ରୁଣୁଝୁଣୁ ସୁରେ
ତୁମପରି ତୁମ ସେ' ପାଉଁଜି ହଳକ ମୋ'ର ବେଶି ପ୍ରିୟ
ଅବଶ ମୁଁ ଅବିଶ୍ରାନ୍ତ ସେ' ପାଉଁଜି ପାଦରେ ମୋ' ଲୟ।

ଥାଅ ବା ନଥାଅ ତୁମେ ନଥାଉ ବି ପାଉଁଜି ତୁମର
ପାଉଁଜିକୁ ଝୁରିବାକୁ ପିଇବାଟା ବାହାନା ମୋଅର
ଢ଼ୋକେ ପିଇ ଦଣ୍ଡେ ଜିଇ ଯଦି ତୁମ ପାଇଲି ସାନିଧ
ତା'ହେଲେ ଏ' ପିଆଲାଏ ଜୀବନ ମୁଁ ଜିଇବାକୁ ବାଧ।

ପିଆଲା ଫିଆଲା ସୁରା ଫୁରା ଛଳନା ଗୋଟିଏ ସିନା
ରାଣ ଅଛି ପ୍ରାଣଥିଲେ ଜିଇବାକୁ ହେବ ତୁମ ବିନା।

❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କହି ହେଇନାହିଁ ଯାହା...(୧୨)

**ସୈରିନ୍ଧ୍ରୀ ସାହୁ**



ସ୍ମୃତି ତମେ ମୋର ମୁକୁତା ପରିକା
କାନିରେ ବାଂଧିଛି ଗଣ୍ଠି ଦେଇ
ସ୍ମୃତି ତମେ ମୋର ଝରା ଶ୍ରାବଣ ଯେ
ଆଖିରେ ରଖିଛି ରାଣ ଦେଇ
ସ୍ମୃତି ତମେ ମୋର ବାଲିଘରଟିଏ
ଗଢୁଛି ବସି ମୁଁ ସରାଗରେ
ତମେ କି ସାଗର! ଧୋଇ ଦିଅ ସବୁ !
କେବେ ଝଡ଼ କେବେ ବତାସରେ!!❤

## କବିତା



### ନଈ ପରି ଜୀବନ

**ପ୍ର. ଗିରିଜା ଶଂକର ଶର୍ମା**

ବୁନ୍ଦେ ବୁନ୍ଦେ ଜଳରୁ ଆରମ୍ଭ ହେଲା ଯାତ୍ରା
କିଛି ବାଟ ଗଲା ପରେ, ଛୋଟ ଝରଣାଟିଏ
କୁଳୁକୁଳୁ ନାଦରେ ବହିଯାଏ
ସାନ ବଡ଼ ପଥର ଦେହରେ ଧକ୍କା ଖାଇ
କାହାକୁ ଖାତିର ନକରି,
ତାର କାଚକେନ୍ଦୁ ଜଳରେ
ଉଡୁଥାନ୍ତି ଅନେକ ପକ୍ଷୀ, ଆକାଶର
ପରିସୀମା ମାପି ।
ଜଂଗଲ ଘେରା ରାସ୍ତାରେ
ଝରଣା ଗୀତ ଗାଏ, ଜୀବନର ଗୀତ ।
ବହି ଚାଲିବା, ଗଡ଼ି ଚାଲିବା ହିଁ ଜୀବନ
ରହିଗଲେ ଜୀବନ ବି ରହିଯାଏ ।
ଝରଣା କହେ- ଯେପର୍ଯ୍ୟନ୍ତ ଜୀବନ ଅଛି
ଚାଲିବାକୁ ହିଁ ପଡ଼ିବ,
ସାମ୍ନାରେ କଣ୍ଟାଝଂଟା,
ଆଲୁଅ ଆସୁକି ଅନ୍ଧାର
ଶୀତ ହେଉ କି,
ଗ୍ରୀଷ୍ମ ତାପରେ ଦଗ୍ଧ ହେଉ ଶରୀର ।
ଜୀବନ କହେ- ଆଗକୁ ମାଡ଼ିଚାଲ ।

ଏବେ ଅନେକ ବାଟ ଆସିଲିଣି ।
ଛୋଟ ବଡ଼ ଝରଣା ମିଶି ଏକ ନଦୀ ହେଲାଣି
ଏବେ ନଦୀରେ ଅକାତାକାତ ପାଣି
ନଈ କୂଳରେ ଛୋଟବଡ଼ ଜନପଦ,
ତା' ପାଣିରେ ସତେ କି ଜୀବନ ବହେ ।
ସମସ୍ତଙ୍କୁ ଖୁସି ଦେଇ
ନଦୀ ଚାଲିଥାଏ ଆଗକୁ ଆଗକୁ ।
ଏବେ ସାମ୍ନାରେ ପାହାଡ଼
ଯିବ କୁଆଡ଼େ ବିଚରା ନଦୀ
ପାଣି ବଢ଼ି ଚାଲେ
ପାହାଡ଼କୁ ପାଣିରେ ବୁଡ଼ାଇ
ନଦୀ ଡିଆଁମାରେ ତଳକୁ
ଜଳ ପ୍ରପାତ ସୃଷ୍ଟି କରି ଓ
ତାପରେ ବଢ଼ି ଚାଲେ ଆଗକୁ ଆଗକୁ ।

ନଈ ଦିଏ ଜିଇଁବାର ମନ୍ତ୍ର
ସେ କହେ ଆଗେଇ ଚାଲ, ଆଗେଇ ଚାଲ
ଯେ ପର୍ଯ୍ୟନ୍ତ ଆସିନି ସମୁଦ୍ର ।
ଜୀବନ ବି ଚାଲିଥାଏ ଆଗକୁ ଆଗକୁ
ଆତ୍ମାର ଆଦେଶରେ,
ପରମାତ୍ମାରେ ଲୀନ ହେବା ନିଶାରେ ।

❤ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୦୯୫

## କଥା ରଖି ପାରିଲିନି

**ବୃନ୍ଦାବନ ଦାସ**



ତମେ ଲୋଟିପଡିଲା ବେଳକୁ
ମୁଁ ନଥିଲି
ପୁଳାଏ ଶୂନ୍ୟତା ତମ ଆଗରେ
ରଖିଦେଇ ଆସିଲି ଯେ
ତା' ପରଠୁ ଆଉ କେବେ
ସାମ୍ନାସାମ୍ନି ହେବାକୁ
ସାହାସ ହରେଇଲି
ତମ ଆଗକୁ ଯିବାକୁ ।

ଦୋଷ ସମୟର ନା'
ନିଷ୍ପତ୍ତି ନେଇ ନପାରୁଥିବା
ଏକ ବିକଳ ଅସହାୟତାର !

ଆଜି ଯେତେବେଳେ ମୁଁ
ତମରି ସ୍ମୃତିରେ
ମହମହ ଏକାକୀତ୍ୱର ଘେର ଭିତରେ
ଅଣନିଶ୍ୱାସୀ ହେଉଥାଏ
ଲାଗେ, ଏଇଠି କେଉଁଠି ଅଛ
ତମ ଅସ୍ତବ୍ୟସ୍ତ ପାଣିକାଚର ରୁଣୁଝୁଣୁ ସ୍ୱର
ଛାତିକୁ ଦଂଶନ କରୁଛି
ଗୋଟେ ସ୍ୱପ୍ନାହତ ଶିହରଣ ବାରମ୍ବାର ନିଜକୁ
ପରିହାସ କରୁଛି ।

କେବେ ଭାବି ନଥିବ
ଦିନେ ସମସ୍ତଙ୍କୁ ଚକିତ କରି ତମ ହୃଦୟଦ୍ୱାର
ଠକ୍ ଠକ୍ କରିବି
ସେତେବେଳେ ତମ ଚାରିପଟେ ଗୁଣଗୁଣଉଥିବା
ଅଦୃଶ୍ୟ ଭଅଁର ପରି ମାତାଲ ସମୟ ବି
ସ୍ତବ୍ଧ ହୋଇ ଯାଇଥିବ
ସୋହାଗର ଅସରା ଅସରା ବର୍ଷା ତମ ଉପରେ
ଅଜାଡି ହେଉଥିବା ବେଳେ
ତମେ ତରଳି ଯାଇଥିବ ।

ହଠାତ୍ କୁଆଁରୀ ନଈପରି
ଉଛୁଳି ଉଠି ନ'ଥିଲ କି ?

ତମେ ଜାଣ ମୁଁ ଜାଣେ
ଇତିହାସର ସେଇ ଛିନ୍ନପୃଷ୍ଠାର ଦରଲିଭା
ଅକ୍ଷର ପରି
ଆମ ସମ୍ପର୍କର ଆଲେଖ୍ୟ
ଆଜି ବି ଜଳୁଛି ଦୀପ ହୋଇ
ସେଇ ଆଲୁଅରେ
ଛାଇ ଛାଇକା ଅନ୍ଧାର ଭିତରୁ
ଦେଖୁଛି ତମ ଆଲୁରମାଲୁର ମୁହଁ ।

କ୍ଷମା କରିଦିଅ
କଥାଦେଇ କଥା ରଖି ପାରିଲିନି ବୋଲି ।

❤ ଈଶ୍ୱର, ପ୍ଲଟ୍ ନଂ-୬୫/୨
୨ୟ ମହଲା
(ଷ୍ଟାର ହେଲଥ ଇନସୁରାନ୍ସ ଅଫିସ୍ ପାଖ)
କପାଳେଶ୍ୱର, କେନ୍ଦ୍ରାପଡା
ମୋ - ୯୭୭୭୮୪୩୦୩୧

## ଜେନ ଜି

**ଅରୁଣ କୁମାର ସାହୁ**



ଅପଢା ପିଲାଏ ଆସ
ମେଳି ହେବା ଯନ୍ତ୍ର ଓ ମନ୍ତ୍ରରେ
ଲଢିବା ଯୁଦ୍ଧଟେ ଆଜି
ପଢା ପିଲା ପାଇଁ
କ୍ଲାସରେ ବସିବସି
ଭାବୁଛି ଯେ ଭାରତ ଗଢିବା
ଗଢୁଥିବା ବର୍ତ୍ତମାନ
ତା' ଆଖିରେ ଆଖିଏ ଭରା
ସ୍ୱପ୍ନର ଅଂଜନ ଲଗାଇ।

ଅଂଜନ ମଂଜନ ଅଛି ଥାଉ ସେ ସେମିତି
ଆସ ଯେତେ ଗାଳି ମାଳି ଅସ୍ତ୍ରଶସ୍ତ୍ର ଧରି
ଆସିଯାଅ ପ୍ରଗତିବାଦୀ ରଙ୍ଗ ବୋଳିବାଳି
ଖାଲି ହାତେ କି ଯୁଦ୍ଧ ଲଢିବା
ଅଭେଦ୍ୟ ଦୁର୍ଗ ପଥର
ଅଭେଦ୍ୟ ବି ସରକାର
ଇଟା ସଜ ହେଲାଣି
ପଥରର ଯବାବ ଦେବା ଇଟା ଓ ମିଠାରେ।


ମିଠା ସଜ କର ଏବେ ସର୍କାର ନଇଁଛି
ଖୁସି ହୁଅ ଗୁଳି ନୁହେଁ ଗାଳି ହିଁ ଜିତିଛି
ରାଲି ନୁହେଁ ରିଲ୍ସ ବି
ଜିତିଛି ବି ଲଙ୍ଗଳା ମୁକୁଳା ଦେହ ଆମର
ଶିକାର କରିଛି କେତେ ସାକାର କରିଛି
ସଂସ୍କାର ହତ୍ୟାର କାଳେ ସୀତ୍କାର ଉଠିଛି
ଡଫଲିର ଡକରାରେ ଡାକିଯାଇଛି
ସରମର ଆକାଶ ଯେତେ
ଖାଣ୍ଡବରୁ ଇନ୍ଦ୍ରପ୍ରସ୍ଥ ଯାଏ।

ହସ୍ତିନାର ଧର୍ମବାପା ଆକାମାନେ
ଡାକିଗଲେଣି ଆସି ଲୋଡିଲେଣି
ସାଇତା ଆମ ଅଲୋଡ଼ାପଣ ବର୍ଷ ବର୍ଷଙ୍କର
କି କାମ ବା ହାତରେ ଆମର
ଚାଲ ଯିବା ଜେଲ ଫେଲ୍
ଏ ଦେଶର ଜେଲ ପିଞ୍ଜରା
ତା' ତନ୍ତ୍ରରେ ତା' ମନ୍ତ୍ରରେ
କୋଟିପତି, ନେତା ବି ବନାଏ ।
ପୋଲିସକୁ ମାରିପାର
ରାସ୍ତା ଘାଟେ ସହସ୍ର ମେଳରେ
ନିଜକୁ ବି ମାରିବାର ସରମ ରଶିରେ
କେତେକେତେ ଖବର ଦିଶେ
କାଗଜ ଓ ଟିଭି ପରଦାରେ
ବେପାର ତ ଚାଲିଛି ଚାଲିବ
ଶାଠ ବଜାର ଏଠି ଆକାଶ ଛୁଆଁ
ପାଠ ପଢୁଥାନ୍ତୁ ପିଲେ ଚଷମା ଫାଙ୍କରେ
ଭବିଷ୍ୟତ ଗଢୁଥାଉ
କୋଚିଙ୍ଗ ସେଣ୍ଟର ଯେତେ
ପାଟନା କି କୋଟାର ଗଳିରେ
ନିତି ପ୍ରତି ହେଉଥାଉ ଚୋରୀ ଚାରି
ଆମ ବେକାରୀ ଆମ ଚାକିରୀ
ରାଞ୍ଚି କି ହାଟିଆର ସର୍କାରୀ ହାଟରେ ।

❤ ଭୁବନେଶ୍ୱର
(ମୋ) ୯୪୩୭୧୫୫୬୧୭

## ଦୀପଟିଏ ଲିଭିଗଲା

**ବାବାଜୀ ଚରଣ ଜେନା**





(ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ଉତ୍ସର୍ଗୀତ)

ଦୀପଟିଏ ଜଳୁଥିଲା ଲିଭିଗଲା
ଛାତି ଚହଲାଇ ଦେଲା
ମଧୁର କଣ୍ଠର ମନ ଛୁଆଁ ଗୀତ
ହୃଦୟରେ ରହି ଗଲା
ଛାତି ଚହଲାଇ ଦେଲା ।

ଜୀବନଟା ଏକ ନାଟକ ବୋଲି ସେ
ହସି ହସି ଗାଉ ଥିଲେ
ଅଭିନୟ ରଙ୍ଗ ଲିଭିଗଲା ପରେ
ନିଜେ ସିଏ ଚାଲି ଗଲେ
ଶେଷ ଶୋଭାଯାତ୍ରା ଚାଲୁଥିଲା ଯେବ
କାଠଯୋଡ଼ି ଥମି ଗଲା
ଛାତି ଚହଲାଇ ଦେଲା ।

ଅଳ୍ପ ଅଳ୍ପ କଥା କହୁଥିଲେ ସିଏ
ଗାଉଥିଲେ ମିଠା ଗୀତ
ମାଟିର ମହକ ଥିଲାସେ ଗୀତରେ
ଛୁଇଁ ଯାଉ ଥିଲା ଚିତ୍ତ
ଯେଉଁ ସହରରେ ଜନ୍ମ ହୋଇ ଥିଲେ
ସେଇଠି ଚିତା ଜଳିଲା
ଛାତି ଚହଲାଇ ଦେଲା ।

❤ ଅହଲ୍ୟା ନିବାସ, ପୋପରଡା, କଟକ-୪
(ମୋ) ୯୪୩୭୮୩୪୭୧୯

## ଥୁଣ୍ଟା ଚମ୍ପାଗଛ

**ସସ୍ମିତା ଦାସ**



ମୁଁ କ'ଣ ଜାଣିଥିଲି
ତୁମେ ମୋ ହାତ ଧରି ଟାଣିନେବ
ଥୁଣ୍ଟା ଚମ୍ପାଗଛ ମୂଳକୁ
ମୋ ଦେହରେ ରୋପି ଦେବ
ପ୍ରେମ ପାପ ପ୍ରାର୍ଥନାର ଧାରେ କ୍ଷତ,
ଫାଟି ପଡୁଥିବ, ଯେତେସବୁ ଶବ୍ଦହୀନ ଦ୍ୱାର ।

ପ୍ରେମରେ ହେଉକି ଯନ୍ତ୍ରଣାରେ ହେଉ
ଶାଖା ପ୍ରଶାଖା ମେଲିମେଲି
ଚାଲୁଥିବ ବେଳୁବେଳ ।

ସେଦିନ ମୁଁ ଭେଟିଥିଲି
ତୁମ ସହ ତାରା ଗ୍ରହ ନକ୍ଷତ୍ର
ଆଉ ହଜାରେ ଜହ୍ନର ଜ୍ୟୋସ୍ନାକୁ ।

ସେ ରାତି ଥିଲା ତୁମପାଇଁ
ସୁକୁମାର ରାତି
ପାପ ଆଉ ପୁଣ୍ୟର ଅସମାପ୍ତ ଭୋକ ।

ସେ ସିମେଣ୍ଟ ଚଟାଣ
କୃଷ୍ଣଚୂଡ଼ା ମୂଳେ ବସିଥିବା
ଅଭୟ ମୁଦ୍ରାରେ ଯେଉଁ
ଆଖି ଦୁଇ ଭେଟିଲି ସେଦିନ
ସୁଖ ଦୁଃଖ ଜଞ୍ଜାଳରେ ଥାଇ ମଧ
ସ୍ନେହ ପ୍ରେମରେ ଭରି ରହିଥିଲା ।

ସେଇଦିନୁ ଯୋଡ଼ି ହେଲା
ଦେହ ସହ ହୃଦୟର ନିବିଡ଼ ସମ୍ପର୍କ,
ତୁମେ କହୁଥିଲ
ଏ ଜହ୍ନରାତି, ଏ ହୃଦୟର ଆବେଗ
ସବୁ ଆଗରୁ ନିର୍ଦ୍ଧାରିତ ।

ଖାଲି ଯାହା ଆମେ
ଶୂନ୍ୟ ଓ ପୂର୍ଣ୍ୟତାଠୁ ଅନେକ ଉପରେ
ରମଣ ଓ ମରଣ ମୁଦ୍ରାରେ ।

❤ ସମ୍ପାଦିକା : ନୀଳକଇଁ
ଭୁବନେଶ୍ୱର
(ମୋ) ୯୪୩୭୪୪୯୪୮୨

# ସାହିତ୍ୟର ସଂସ୍କାରଧର୍ମୀ ପ୍ରତିଟି ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚୁ : ଅଜୟ୍ ମହାପାତ୍ର

**ଅଜୟ ମହାପାତ୍ର** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ସାହିତ୍ୟର ବିଭିନ୍ନ ବିଭାଗ ତଥା ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା ଆଦି ଏକାଧିକ ବିଭାଗରେ ଲେଖନୀ ଚାଳନା କରି ପ୍ରତିପାଦିତ କରିଛନ୍ତି ନିଜକୁ । ଓଡିଆ ସିନେମା, ଟେଲି ଚଳଚ୍ଚିତ୍ର ସହ ଜଣେ ପ୍ରବୀଣ ବାସ୍ତୁବିତ୍ ଭାବରେ ବାଇଶିଟି ବାସ୍ତୁ ସମ୍ପର୍କୀତ ପୁସ୍ତକ ରଚନା କରି ସେ ଅର୍ଜ୍ଜନ କରିସାରିଛନ୍ତି ଈର୍ଷଣୀୟ ପ୍ରତିଷ୍ଠା । ଅନୁଭୂତି, ଅନୁଭବ ସହ ଉପସ୍ଥାପନାରେ ନିଆରା ଶୈଳୀ ହିଁ ତାଙ୍କୁ ଦେଇଛି ଅନନ୍ୟ ପରିଚୟ । "ମାତୃଭାଷାକୁ ବଞ୍ଚେଇବା ପାଇଁ ନୁହେଁ, ମାତୃଭାଷାକୁ ଦୃଢ଼ ଓ ଶାଣିତ କରିବାରେ ସାହିତ୍ୟର ସର୍ବକାଳୀନ ଭୂମିକା ରହି ଆସିଅଛି" ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପ୍ରଥମେ ପଞ୍ଚମଶ୍ରେଣୀ ବେଳେ ଗଣେଶ ଗୀତିନାଟ୍ୟରେ ଗଣେଶ। ତା'ପରେ ସ୍କୁଲରେ ନାଟକ ଜୀବନ ଆରମ୍ଭ। ନାଟକ କରୁକରୁ ନାଟୁଆ। ସ୍କୁଲ ସମୟରେ ଲୁଚେଇ ଲୁଚେଇ ନାଟକ ଲେଖା। ଦଶମ ଶ୍ରେଣୀ ଖରାଛୁଟିରେ 'ବାଂଝ' ଶୀର୍ଷକ ପ୍ରଥମ ଗପଟି ଲେଖିଥିଲି। ଦୀର୍ଘ ଚାଳିଶବର୍ଷ ପରେ ମଧ ସେହି ଗପଟି ନାଟ୍ୟରୂପ ହୋଇ ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହେଉଛି।ସ୍କୁଲ ସମୟରୁ ଆରମ୍ଭ ହୋଇଥିବା ସୃଜନ ଯାତ୍ରା ଯେ ମୋର ଏକ ନିଶା ହୋଇଯିବ ଏହା ମୁଁ ଜାଣିନଥିଲି। ବର୍ତ୍ତମାନ ମଧ ସେହି ସୃଜନ ଯାତ୍ରା ଜାରିରହିଛି।

■ ଆପଣଙ୍କର ସାରସ୍ୱତ ପ୍ରେରଣା କିଏ ? ଆପଣଙ୍କର ସାରସ୍ୱତ ଆଦ୍ୟଗୁରୁ ଭାବେ କାହାକୁ ସ୍ମରଣ କରିବେ ?

■■ ମୋର ଆଦ୍ୟ ସାରସ୍ୱତ ପ୍ରେରଣା କହିଲେ ମୋର ବଡ଼ଭାଇ ଡ. ଅଭିମନ୍ୟୁ ଜେନାଙ୍କୁ ମୁଁ ସ୍ମରଣ କରେ। ସେ ଏକାଧାରରେ ନାଟ୍ୟକାର, ଔପନ୍ୟାସିକ, ପ୍ରାବନ୍ଧିକ ଓ ନାଟ୍ୟ ନିର୍ଦ୍ଦେଶକ ମଧ। ତାଙ୍କର ଅନେକ ନାଟକ ଓ ନିର୍ଦ୍ଦେଶନାରେ ମୁଁ ଅଭିନୟ କରିଛି। ସ୍କୁଲ ସମୟରୁ ତାଙ୍କର ସୃଜନଶୀଳତା ମୋତେ ଖୁବ୍ ପ୍ରଭାବିତ କରିଥିଲା।ତାଙ୍କୁ ଅନୁସରଣ କରି ସ୍କୁଲ ସମୟରୁ ମୁଁ ପ୍ରଥମେ ନାଟକ ପରେ ଗପ ଲେଖିବା ଆରମ୍ଭ କରିଥିଲି। ସାହିତ୍ୟ କ୍ଷେତ୍ରରେ ସେ ହିଁ ମୋର ଆଦ୍ୟଗୁରୁ।

ପରବର୍ତ୍ତୀ ସମୟରେ ମୋର ପୂଜନୀୟ ଦାଦା ବିଶିଷ୍ଟ ସାହିତ୍ୟିକ ତଥା ଇଂ.ଚନ୍ଦ୍ରଶେଖର ଦାସବର୍ମାଙ୍କ ପ୍ରେରଣା ମୋତେ ସାହିତ୍ୟିକ ଭାବେ ଗଢ଼ି ତୋଳିଲା। ସେ ମୋତେ ସାହିତ୍ୟାନୁରାଗୀ ହେବା ପାଇଁ ଅନେକ ପ୍ରୋତ୍ସାହନ ଓ ପ୍ରେରଣା ଦେଇଥିଲେ। ମୁଁ ଆଜି ଯେଉଁଠି ଅଛି, ଏଥିରେ ତାଙ୍କର ଯଥେଷ୍ଟ ଅବଦାନ।

■ କେମିତି ଥିଲା ଆପଣଙ୍କର ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶ କହିଲେ ଯଦି ପୁସ୍ତକ ପ୍ରକାଶନ ହୁଏ, ତେବେ ମୋର ପ୍ରଥମ ପ୍ରକାଶକ ହେଲେ ପକ୍ଷୀଘର ପ୍ରକାଶକ ଶ୍ରୀଯୁକ୍ତ ବନୋଜ ତ୍ରିପାଠୀ। ସେ ମୋତେ ୨୦୦୦ ମସିହାରେ ସଂଯୋଗବଶତଃ ଅନାଚକ ମିଳିଥିଲେ ଓ ମୋର ପ୍ରଥମ ଗପ ସଂକଳନ 'ବାଂଝ' ପ୍ରକାଶ କରିଥିଲେ। 'ବାଂଝ' ଗଳ୍ପଟିକୁ ଭୁବନେଶ୍ୱରସ୍ଥିତ ରୋଟାରୀ ଭବନରେ ବିଶିଷ୍ଟ ଲେଖକ ଡ. ଅଜୟ ସ୍ୱାଇଁ ଓ ଶ୍ରୀଯୁକ୍ତ ଦେବପ୍ରସାଦ ଦାଶ ମହୋଦୟଙ୍କ ପୁସ୍ତକ ସହ ଉନ୍ମୋଚନ କରାଇ ମୋତେ ଉତ୍ସାହିତ କରିଥିଲେ। ବର୍ତ୍ତମାନ ସୁଦ୍ଧା ପନ୍ଦରଟି ଗଳ୍ପ ସଂକଳନ, ପନ୍ଦରଟି ଉପନ୍ୟାସ ଓ ବାଇଶଟି ନାଟକ ପ୍ରକାଶ ପାଇସାରିଛି। ମୋତେ ମୋର ସବୁ ଗପ, ଉପନ୍ୟାସ ଓ ନାଟକ ଖୁବ୍ ଭଲ ଲାଗେ। ମୋ ଜୀବନର ଅନେକ ଘଟଣା ଓ ଦୁର୍ଘଟଣା ଉପରେ ଦୁଇଟି ଉପନ୍ୟାସ 'ସାତବାଲୁଙ୍ଗା ଓ ମୁଁ' ଓ 'ବାପା'ରଚିତ। ଏଣୁ ସେ ଉପନ୍ୟାସ ଦୁଇଟି ମୋର ଅତି ପ୍ରିୟ।

■ ଆପଣ ଓଡ଼ିଆ ସାହିତ୍ୟ ସହ ଓଡ଼ିଆ ଚଳଚ୍ଚିତ୍ର ସହ ମଧ ଜଡ଼ିତ । ତେବେ କୁହନ୍ତୁ,ସାଧାରଣ ଲୋକଙ୍କ ପାଖରେ ଭଲ ସାହିତ୍ୟ ପହଞ୍ଚିବାର ଶକ୍ତିଶାଳୀ ମାଧ୍ୟମ କ'ଣ ? ପୁସ୍ତକ ନା ଚଳଚ୍ଚିତ୍ର ?

■■ ସାଧାରଣ ଲୋକମାନଙ୍କ ପାଖରେ ସାହିତ୍ୟ ପହଞ୍ଚିବାର ଶକ୍ତିଶାଳୀ ମାଧ୍ୟମ ପୁସ୍ତକ ନିଶ୍ଚୟ ! ମାତ୍ର ଡିଜିଟାଲ ଯୁଗରେ ପ୍ରଚାର ପ୍ରସାର ଓ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାର ମାଧ୍ୟମ ବଦଳିଯାଇଛି। ଆଜିକାଲି ପୁସ୍ତକକୁ ମଧ ଡିଜିଟାଲ ମାଧ୍ୟମରେ ପ୍ରଚାର ପ୍ରସାର କରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁ ହେଉଛି। ଚଳଚ୍ଚିତ୍ର ସହ ସାହିତ୍ୟକୁ ତୁଳନା କରିବା ଉଚିତ ବୋଲି ମୁଁ ମନେକରେନି। ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ଆସିବ, ପୁଣି କିଛିଦିନ ପରେ ଚାଲିଯିବ। ସେଇକିଛି ଦିନ ପାଇଁ ପ୍ରଚାର ପ୍ରସାର ହେବ, ତା'ପରେ ସବୁଶେଷ। ପୁସ୍ତକର ସ୍ଥାନ ସ୍ୱତନ୍ତ୍ର। ପୁସ୍ତକକୁ କେବଳ ଛୁଇଁଦେଲେ ପେଟ ପୂରିଯାଏ ଆଉ ତା' ବାସ୍ନା ମନକୁ ସାହିତ୍ୟ ମନସ୍କ କରିଦିଏ। ପ୍ରତିଟି ସାହିତ୍ୟ ମନସ୍କ ପାଠକଙ୍କ ପ୍ରେମିକା ନିଶ୍ଚୟ ପୁସ୍ତକ। ଯେଉଁ ପ୍ରେମିକା କେବେ ଧୋକା ଦିଏନା ବରଂ ସାରା ଜୀବନ ହାତଧରି ବାଟ ଦେଖାଏ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?

■■ମାତୃଭାଷା ଆଦୌ ସଂକଟରେ ନାହିଁ। ଓଡ଼ିଶାର ସାଧାରଣ ଲୋକେ କେବଳ ଇଂରାଜୀ କିମ୍ବା ହିନ୍ଦୀରେ କଥା ହେବେ ବୋଲି ମୁଁ ଚିନ୍ତା କରିପାରୁନି। ଯେତେସବୁ ଓଡ଼ିଆ ଶିକ୍ଷିତ ଓ ସରକାରୀ ଚାକିରି କରିଥିବା ଶିକ୍ଷକ, ଡାକ୍ତର, ଇଂଜିନିୟର, ଓ.ଏ.ଏସ୍. ଅଫିସରଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରାୟ ଇଂରାଜୀରେ କିମ୍ବା ହିନ୍ଦୀରେ ଦି' ଧାଡ଼ି ଭଲରେ କହିବାକୁ ଡରୁଛନ୍ତି । ଏଣୁ ସାଧାରଣ ଲୋକ ଓଡ଼ିଆ କହିବା କିମ୍ବା ଲେଖିବା ସମ୍ପୂର୍ଣ୍ଣ ବନ୍ଦ କରିବା ଆଦୌ ସମ୍ଭବ ନୁହେଁ। କେବଳ ଓଡ଼ିଆ ଭାଷା ନୁହେଁ, ଭାରତର ସବୁ ଆଞ୍ଚଳିକ ଭାଷାର ଅବସ୍ଥା ଏକାଭଳି। ଜଗତୀକରଣ ଯୋଗୁଁ ଏହା ଘଟିବା ଏକ ସ୍ୱାଭାବିକ କଥା।

ମାତୃଭାଷାକୁ ବଞ୍ଚେଇବା ପାଇଁ ନୁହେଁ, ମାତୃଭାଷାକୁ ଦୃଢ଼ ଓ ଶାଣିତ କରିବାରେ ସାହିତ୍ୟର ସର୍ବକାଳୀନ ଭୂମିକା ରହିଆସିଅଛି। ଏଣୁ ସାହିତ୍ୟ ନିଶ୍ଚିତ ଭାବରେ ସୃଷ୍ଟିହେବା ନିହାତି ଆବଶ୍ୟକ।

■ ଭଲ ସାହିତ୍ୟର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବକି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ ଜୀବନକୁ ?

■■ ମୋ ମତରେ ଯେଉଁ ସାହିତ୍ୟ ସମାଜର ହିତକରେ, ସେ ଭଲ ସାହିତ୍ୟ। ସାହିତ୍ୟ କାହାର ମାନସିକ ପରିବର୍ତ୍ତନ କରିନପାରେ, ମାତ୍ର ବାପା ମା' ଓ ଗୁରୁଜନ ଭଳି ସଠିକ୍ ପଥ ଦେଖେଇବାରେ ସକ୍ଷମ ନିଶ୍ଚୟ ହେବ। ମାତ୍ର ମାନସିକତାର ପରିବର୍ତ୍ତନ ନିଜ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ବୃତ୍ତିରେ ମୁଁ ଇଂଜିନିୟର। ଗ୍ରାମ୍ୟ ନିର୍ମାଣ ବିଭାଗରେ ଅଧୁନା ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟରତ। କିଛି ସହକର୍ମୀ ମୋର ମେଣ୍ଟର ଭାବେ ମୋତେ ଖୁବ୍ ଉତ୍ସାହିତ କରନ୍ତି। ପୁଣି କିଛି ସହକର୍ମୀ ଏଗୁଡ଼ା ଫାଲ୍ତୁ କାମ ବୋଲି କୁହନ୍ତି । ଥରେ ଜଣେ ମୁଖ୍ୟଯନ୍ତ୍ରୀ କହିଲେ, 'ଅଜୟ ! ତୁମେ ଇଂଜିନିୟରିଂ ଓ ବାସ୍ତୁ ପୁସ୍ତକ ଲେଖୁଥିଲ ଠିକ୍ ଥିଲା। ଦି' ପଇସା ମଧ ରୋଜଗାର କରୁଥିଲ।ଏବେ ସେ ସାହିତ୍ୟ ଫାହିତ୍ୟ ଭଳି ସେ ବାଜେ କାମଗୁଡ଼ା କାହିଁକି କରୁଛ ? ଏଗୁଡ଼ା ଆଉ କିଏ କ'ଣ ପଢୁଛନ୍ତି ? ଅନ୍‌ନେସେସାରିଲି ସମୟ କାହିଁକି ନଷ୍ଟ କରୁଛ !' ମୁଁ କ'ଣ ବା ଉତ୍ତର ଦିଅନ୍ତି ! ଟିକେ ହସିଲି ଓ ନିରବ ରହିଲି। ସେ ବର୍ତ୍ତମାନ ଅବସର ନେଲେଣି । ମୁଁ କିନ୍ତୁ ମୋ ସାହିତ୍ୟ ଯାତ୍ରା ଅବ୍ୟାହତ ରଖିଛି। 'ଭୋଟ' ଚଳଚ୍ଚିତ୍ର ପାଇଁ 'ଶ୍ରେଷ୍ଠ କାହାଣୀକାର ଭାବେ ରାଜ୍ୟ ଚଳଚ୍ଚିତ୍ର ସମ୍ମାନ-୨୦୨୪' ପାଇଲା ପରେ ସେହି ମୁଖ୍ୟଯନ୍ତ୍ରୀ ମହୋଦୟ ଥିଲେ ପ୍ରଥମ ବ୍ୟକ୍ତି, ଯିଏ ମୋତେ ଅଭିନନ୍ଦନ ଜଣାଇଥିଲେ। ଏହି ଅଭିନନ୍ଦନ ମୋତେ ସବୁଠୁ ବେଶୀ ଆନନ୍ଦ ଓ ପ୍ରେରଣା ଦେଇଛି। ତାଙ୍କୁ ମୋର ପ୍ରଣାମ ଓ କୃତଜ୍ଞତା। ପରିବାର କଥା ସ୍ୱତନ୍ତ୍ର। ସମସ୍ତେ ମୋତେ ଓ ମୋସାହିତ୍ୟ ଯାତ୍ରାକୁ ଅତିମାତ୍ରାରେ ଭଲପାଆନ୍ତି । ଭଲପାଆନ୍ତି ମୋର ସବୁ ଭାଇ, ଭଉଣୀ, ପୁଅ, ଝିଅ, ପୁତୁରା, ଝିଆରୀ ଓ ମୋ ବୋଉ। ବାପା ଚାଲିଗଲେଣି, ମାତ୍ର ସେ ବଞ୍ଚିଥିଲା ପର୍ଯ୍ୟନ୍ତ ପରୋକ୍ଷରେ ଉତ୍ସାହିତ କରୁଥିଲେ। ବିବାହ ପରେ ମୋ ଶାଶୁ ଓ ଶ୍ୱଶୁର ଆଶ୍ଚର୍ଯ୍ୟଜନକ ଭାବେ ମୋତେ ଉତ୍ସାହିତ କଲେ, କାରଣ ସେମାନେ ପୁସ୍ତକପ୍ରେମୀ ଏବଂ ଲେଖକମାନଙ୍କୁ ସେମାନେ ଖୁବ୍ ସ୍ନେହ ଓ ସମ୍ମାନ କରନ୍ତି। ମୋ ସହଧର୍ମିଣୀ ମୋର ଜଣେ ମେଣ୍ଟର ଓ ତାଙ୍କର ସମସ୍ତ ରକ୍ତ ସଂପର୍କୀୟ ଓ ବନ୍ଧୁବାନ୍ଧବ ମୋତେ ଇଂଜିନିୟର ଅପେକ୍ଷା ମୋର ଲେଖକତ୍ୱ ପରିଚୟକୁ ଖୁବ୍ ପସନ୍ଦ କରନ୍ତି ।

■ ଓଡ଼ିଆଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ଓ ସାହିତ୍ୟ ଖୁବ୍ ସମୃଦ୍ଧ। ଏହାର ଭବିଷ୍ୟତ ଉଜ୍ଜ୍ୱଳ, ଏଥିରେ ମୁଁ ନିଃସନ୍ଦେହ। ଆଗ ଅପେକ୍ଷା ବର୍ତ୍ତମାନ ଅଧିକରୁ ଅଧିକ ଓଡ଼ିଆ ସାହିତ୍ୟ ସୃଷ୍ଟି ହେଲାଣି। ଯୁବ ପିଢ଼ିରେ ଅନେକ ସାହିତ୍ୟିକ ସୃଷ୍ଟି ହେଲେଣି ଓ ଖୁବ୍ ସୁନ୍ଦର ଲେଖାମାନ ଲେଖୁଛନ୍ତି । ଓଡ଼ିଆଭାଷା ଓ ସାହିତ୍ୟ ବିଶ୍ୱସ୍ତରରେ ଖୁବ୍ ନାଁ କରିବ ବୋଲି ମୋର ବିଶ୍ୱାସ।

■ ଲେଖକର ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ସାହିତ୍ୟିକଟିଏ ସାହିତ୍ୟ ଲେଖି କେବଳ ସବୁକିଛି ହରାଏ, କିଛି ପାଏନା। ସାହିତ୍ୟ କେଉଁ ସୋସିଆଲ ୱାର୍କରୁ କମ୍ ଆଦୌ ନୁହେଁ। ପୁରସ୍କାର ପାଇଁ ଲେଖକ ଲେଖିନଥାଏ। ଲେଖକଟିଏ ପାଇଁ ପାଠକଙ୍କର ମତାମତ ହେଉଛି ଅସଲ ପୁରସ୍କାର। ମାତ୍ର ଯେ କୌଣସି ପୁରସ୍କାର ଲେଖକକୁ ନିଶ୍ଚୟ ଉତ୍ସାହିତ କରେ। ସାହିତ୍ୟ ସଂସ୍କାରଧର୍ମୀ। ମୁଁ ଚାହିଁବି ସାହିତ୍ୟର ସଂସ୍କାର ଧର୍ମୀ ପ୍ରତିଟି ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚୁ। ♥♥

■ **ଅକ୍ଷରେ ଅଜୟ ମହାପାତ୍ର**

ବର୍ତ୍ତମାନର ଠିକଣା-
୪୪, କୋଶନ୍ଦି ଭିଲ୍ଲା,
ବୈରାଗୀ ନଗର, ଝାରପଡା,
ବୁଦ୍ଧେଶ୍ୱରୀ କଲୋନୀ,
ଭୁବନେଶ୍ୱ-୬
(ମୋ) ୯୪୩୭୧୭୯୦୨୫

**ପ୍ରକାଶିତ ପୁସ୍ତକ**

**(ଗଳ୍ପ ସଂକଳନ)**
୧. ବାଂଝ
୨. ଆଶା
୩. ପରପୁରୁଷ
୪. ଭୋଟ
୫. ପବିତ୍ର ପାପ
୬. ଦାଦନ
୭. ଉଲ୍ଲଙ୍ଘନ
୮. ଅସବର୍ଣ୍ଣ
୯. ଗପର ନାଁ ଶ୍ରାବଣୀ
୧୦. ବୋଝ
୧୧. ଗଣତନ୍ତ୍ର
୧୨. କାଠବାଘ
୧୩. ଜୀବନ ଜିଇବାର କଳା
୧୪. ଆଦିମ

**ନିର୍ବାଚିତ ଗଳ୍ପ ସଂକଳନ**
୧. ଶ୍ରେଷ୍ଠ ଗଳ୍ପ
୨. ମୋହ
୩. ଗଳ୍ପ ସମଗ୍ର -୧
୪. ପରିବାର
୫. ଗଳ୍ପ ସମଗ୍ର -୨
୬. ଗଳ୍ପ ସମଗ୍ର -୩
୭. ଭୁଲି ହୁଏନା

**ଉପନ୍ୟାସ**
୧. ଅସ୍ପୃଶ୍ୟ
୨. ମହାରାଜା
୩. ପୃଥକ୍ ଈଶ୍ୱର
୪. ଅନାଥ
୫. ଗାନ୍ଧୀ
୬. ନିର୍ବାଚନ ଉପାଖ୍ୟାନ
୭. ୭ ବାଲୁଙ୍ଗା ଓ ମୁଁ
୮. ବାପା
୯. ଭାବାନ୍ତର
୧୦. ଭୋଟ
୧୧. ଶେଷ ବସନ୍ତର ଚିଠି
୧୨. ରାଜଯୋଟକ
୧୩. ନୀଳପଦ୍ମା

**ନାଟକ**
୧. ସମାଧ
୨. ଆଶା ମଶାଲ
୩. ଉର୍ଣ୍ଣା ମଶାଲ
୪. ବାବା
୫. କଥା ରହିଯିବ କାଳକାଳକୁ
୬. ଗାଁ ରାସ୍ତା ସହରକୁ
୭. ଚିହ୍ନାମାଟି
୮. କଟି
୯. ଭୋଟ (ହିନ୍ଦୀ)
୧୦. ପରିଚୟ ମିରର୍
୧୧. କୁଳାଙ୍ଗାର
୧୨. ଅନ୍ତିମ ଭିକ୍ଷା
୧୩. ଅଭିନୟ
୧୪. ଗୁଣ୍ଡା
୧୫. ପେନସନ୍
୧୬. ଭୋଟ ମିରର
୧୭. ଶୁଭବିବାହ ମିରର୍
୧୮. ବାପା ମିରର୍
୧୯. ହାଉସ୍ ୱାଇଫ୍
୨୦. ପରପୁରୁଷ
୨୧. ଭୋଟ ବିଚିତ୍ର
୨୨. ପବିତ୍ର ପାପ
୨୩. ମଧ୍ୟାନ୍ତର

**ଏକାଙ୍କିକା**
୧. ଝରାପତ୍ର
୨. ତ୍ରି କନ୍ୟା

ଏତଦ୍ ବ୍ୟତୀତ ୧୨ଟି ଅନୁବାଦ ଗଳ୍ପ, ୮ଟି ଅନୁବାଦ ଉପନ୍ୟାସ ସମେତ ୪ଟି ସମାଲୋଚନା ଗ୍ରନ୍ଥର ସ୍ରଷ୍ଟା ...




ସାହିତ୍ୟ ସଭାରେ କଥାକାର ଅଜୟ୍ ମହାପାତ୍ର...






ସ୍ମୃତି ଅପାଶୋରା : ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...



ସୁଖୀ ପରିବାର : ପତ୍ନୀ, ପୁତ୍ର, କନ୍ୟାଙ୍କ ସହିତ ଅଜୟ୍ ମହାପାତ୍ର ...

## ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



# ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଖରା ମୁଣ୍ଡ ଉପରକୁ ଚଢ଼ି ସାରିଥିଲା । ବାତାବରଣରେ ଗଭୀର ନିସ୍ତବ୍ଧତା ବ୍ୟାପିସାରିଥିଲା । ସ୍ତବ୍ଧ, ନିଃଶବ୍ଦ, ଉଦାସ ମୁହଁମାନଙ୍କର ଆଖି ସବୁ ଫୁଲରେ ଲଦି ହୋଇ ଥିବା ସେହି ଦେହ ଉପରେ ନିବଦ୍ଧ ହୋଇଥିଲା । ଯାହାର ନାଁ ଥିଲା ଋଚା ଶର୍ମା । ବିରେଶ୍ୱରକୁ ବିଶ୍ୱାସ ହେଉନଥିଲା କି ଲଣ୍ଡନରେ କାର ଦୁର୍ଘଟଣାରେ ଋଚାର ମୃତ୍ୟୁ ହୋଇ ସାରିଛି । ବିଶ୍ୱେଶ୍ୱର ଆଖି ବୁଜି ଠିଆ ହୋଇଥିଲା, ଜଡ ପ୍ରାୟ । ସମ୍ବାଦ ତାକୁ ଦଂଶୁଥିଲା । ଆଜି ତା' ଜୀବନର ବୁଡ଼ି ଯାଉଥିବା ନିଃଶ୍ୱାସ ସମୁଦ୍ରର ଫେଣ ପରି, ବାଲୁହାଟୀ କୂଳରେ ପେଟ ସେପଟ ପହଁରୁ ପହଁରୁ, ଏକା ହୋଇଯାଇଥିଲା । ତା'ର ଦେହ ବି, ଋଚାର ଦେହ ପରି କାଠ ହୋଇଯାଇଥିଲା ।

ତା'ର ଓ ଋଚାର ଅତୀତ, ସେ ଅତୀତରେ ଜୀବିତ ନିରାପଦ ସତ୍ୟ । ଦୁଇଜଣଙ୍କ ସହ ଜିଇଥିବା ସତ୍ୟ କଣ ସତ ନୁହେଁ । କେବଳ ସତ୍ୟର ନିକଟତର ହେବା ଏକ ଭ୍ରମ । ଋଚା, ଋଚା, ଋଚା । ତା'ର ହର୍ଷିତା ମୁଖମଣ୍ଡଳ, ତା'ର ଖୋସା କରିବାର ଶୈଳୀ, ତା'ର କଥା କୁହା ଦୁଇ ଆଖିର ଭାଷା, ଓଠରେ ଲାଖିଥିବା ସ୍ମିତହାସ୍ୟ ଏସବୁ ଏବେ ସ୍ମୃତିର ପରିଧିରେ । ସେତିକି ରେତା'ର ହାତ ଦୁଇଟିକୁ ଦୁଇଟି କୁନି କୁନି ହାତ ଥାପୁଡ଼ାଇ ଥାପୁଡ଼ାଇ ଯଥାର୍ଥ ପାଖରେ ଠିଆ କରେଇ ଦେଲା । ସେ ହାତ ଦୁଇଟି ଋଚାର ଝିଅର ଥିଲା, ପ୍ରଜ୍ଞାର । ଋଚାର ଅନୁକୃତି, କିନ୍ତୁ ଋଚା ଠାରୁ ଭିନ୍ନ ।

ଋଚା ଋଚା ଥିଲା, ଅତୁଳନୀୟା, ଅନିନ୍ଦ୍ୟା । ତା'ର ହୃଦୟ ତ ଗୋଟିଏ ଛଳଛଳ ନିର୍ମଳ ପ୍ରବାହ ଥିଲା, ଭରପୁର । ଋଚାର ଆତ୍ମା ଯେମିତି ସହଜ, ସେମିତି ପବିତ୍ର । ଜୀବନ ଜୀଇବା ବେଳେ ତାହା ଠିକ୍ ସେମିତି ରହିବ ବୋଲି ମାନେ ନାହିଁ । ଋଚା ପରି ତା' ଝିଅ ପାଖରେ କଣ ଥିଲା ସେମିତି ଆବେଗ, ନା ଆକୁଣ୍ଠ ତତ୍ପରତା, ନା ସେମିତି ସ୍ୱାଗତ, ନା ଅନ୍ୟ ପ୍ରତି ସହଜ ସ୍ୱୀକାର । ପ୍ରାୟତଃ ଜୀବନ ଯାତ୍ରାରେ ଜୀବନର ପାଦ ମଇଳା ହୋଇଯାଏ, ନାକରାକତ୍ମକ, କଠୋରତା, ଅବୋଧତାରେ ଭରପୁର ।

ଋଚା ମଜାକରେ କହୁଥିଲା, ବିରୁ, ଘାସ ଦଉଡ଼ିରେ ଗୋଲାପ ଫୁଲ ଗୁନ୍ଥି କି ତୁ ମୋତେ ବାନ୍ଧିବୁ ।' ଯାହା ସେ କେବେ ବି ବାନ୍ଧି ପାରିନି, ଯିଏ ମୁକ୍ତ ଏବଂ ନିର୍ବୋଧ ଥିଲା । ଆଜି ସେହି ଋଚାକୁ ଫୁଲ ଦଉଡ଼ିରେ ବାନ୍ଧିଥିଲା । ଲଣ୍ଡନରୁ 'ପ୍ୟାକ' କରି ଅଣା ହୋଇଥିବା ଦେହର ଅନ୍ତ୍ୟେଷ୍ଟି କ୍ରିୟାର କର୍ମ ବିରୁ ତା' ନିଜ ହାତରେ କରିବା ନିଷ୍ପତ୍ତି ନେଇଥିଲା । ତାହା ତା'ର ପ୍ରାପ୍ୟ ଥିଲା, ତା'ର ସତ୍ୟ ଥିଲା । ସେଇ ଅନନ୍ୟ ଆତ୍ମାର ଚିରସଖା ସେ ।

ବିରେଶ୍ୱର ବିସ୍ମୟ ଭରା ନୟନରେ, ଋଚା ଅତୀତର ଗର୍ଭକୁ ଯିବାର ପ୍ରସ୍ତୁତିକୁ ଦେଖୁଥିଲା । କିନ୍ତୁ ତା' ଆଖିରେ ବିତି ଯାଇଥିବା ସମୟ ସଂଘଟିତ ହେବାକୁ ଲାଗିଥିଲା ।

ବଙ୍ଗଳାର ସହର ତ୍ରିବେଣୀ । ବିରୁ ଋଚା ଦୁହିଁଙ୍କ ଶୈଶବ ଏବଂ ତା' ପରେ....

### (ପ୍ରଥମ ଖଣ୍ଡ)- ପ୍ରେକ୍ଷା

ସେଠ ରାମଦାସଙ୍କ ବଂଶ ଅଂଶ ତ୍ରିବେଣୀର ବଡ଼ ବଡ଼ ଜମିଦାରମାନଙ୍କ ଭିତରୁ ଗୋଟିଏ ଥିଲା । ଇଂରେଜଙ୍କ ପରେ ସାରା ଜମିଦାରୀ ସରକାରୀ ଥଳୀକୁ ଚାଲି ଯାଇଥିଲା । ବହୁତ କିଛି ବିକ୍ରି ହୋଇ ସାରିଲା ପରେ ବି, ତ୍ରିବେଣୀ ଓ କଲିକତାରେ କିଛି ଘର ବାକି ରହି ଯାଇଥିଲା । ତଥାପି ସେଠ ରାମଦାସଙ୍କୁ ଗୋଟିଏ ରାଜକୀୟ କୋଠା ପିଢ଼ିରୁ ପିଢ଼ି ପାରମ୍ପରିକ ହସ୍ତାନ୍ତର ଅନୁଯାୟୀ ପ୍ରାପ୍ତ ହୋଇଥିଲା ।

ସେଠ ରାମଦାସଙ୍କର ଏକ ମାତ୍ର କନ୍ୟା ଗୌରାକୁ ଛାଡ଼ି ପରିବାରରେ ଆଉ କେହି ନଥିଲେ । ଗୌରୀ ବର୍ଷେ ଦେଢ଼ବର୍ଷ ହେଉ ହେଉ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇ ସାରିଥିଲା । ତାଙ୍କ ପାଇଁ ବହୁତ ବାହାଘର ପ୍ରସ୍ତାବ ଆସିଲା । ତାଙ୍କ ଯୌବନର କାରଣ ଦର୍ଶାଗଲା, ପିଲାର ଯତ୍ନ ନେବାର କାରଣ ଦର୍ଶାଗଲା । କିନ୍ତୁ ସେଠ ରାମଦାସ କନ୍ୟା ପାଇଁ ଗୋଟିଏ ଧାଇମା' ରଖି ପିତୃଋଣରୁ ମୁକ୍ତ ହୋଇଥିଲେ । ଦ୍ୱିତୀୟ ବିବାହର କଣ ଆବଶ୍ୟକତା ଅଛି । 'ପୈସା ଫେକ୍ ତମାସା ଦେଖ' ମାଙ୍କଡ଼ ନଚା ସମାଜର ସେ'ବି ତ ଜଣେ ସଦସ୍ୟ ଥିଲେ । ତାଙ୍କ ବନ୍ଧୁ ମିଷ୍ଟର ଅଗ୍ରୱାଲଙ୍କ କାରନାନୀ ମେନସନରେ ଗୋଟିଏ ପୁରୁଣା ଘର ଥିଲା । ଯେଉଁଠି ରାତିରେ ମହିଳାମାନଙ୍କ ସହ ଏହି ଖେଳ ଖେଳା ଯାଉଥିଲା । ସେ ଖେଳର ଜଣେ ସଦସ୍ୟ ସେଠ ରାମଦାସ ବି ଥିଲେ । ସେଠ ରାମଦାସଙ୍କର ସାମନ୍ତୀୟ ମାରୱାଡ଼ି ସମାଜ ପ୍ରତି ସାମାନ୍ୟ ଭୟ ବି ନଥିଲା । କାରଣ ସେ ଜାଣିଥିଲେ, ଏ ସମସ୍ତଙ୍କ ସଭ୍ୟତାର ଧୋତି ଏଇଠି ଆସି ଖୋଲୁଛି । ସ୍ତ୍ରୀ ହାତରେ ବିଡ଼ା ବିଡ଼ା ଟଙ୍କା, ଗହଣା, ଗାଡ଼ି, ଡ୍ରାଇଭର ଆଦି ଦେଇ, ଅଚିନ୍ତାରେ ଏ ଖେଳରେ ମିଶି ଯାଉଥିଲେ । ଚୋର ଚୋର ତ ମାଉସୀ ପୁଅ ଭାଇ, ଡର କାହାକୁ ?

କେବେ କେବେ ଯଦି ସେ ତ୍ରିବେଣୀ ଆସୁଥିଲେ, 'ବେଣୀ ମାଧବ' ଶିବ ମନ୍ଦିର ପାଖରେ ଥିବା ମଠରେ ମଠାଧିଶ ସ୍ୱାମୀ ସ୍ୱରୂପାନନ୍ଦଙ୍କ ସହିତ ଜ୍ଞାନ ଚର୍ଚ୍ଚା ନିଶ୍ଚୟ କରନ୍ତି । ଛୁଟିଦିନ ମାନଙ୍କରେ ଗୌରା ମଧ ବାପାଙ୍କ ସହ ଗାଁକୁ ଆସେ । ଜମିଦାରିଆ ଘରେ ପଣ୍ଡିତ ନବଲ କିଶୋର ଗୌରାକୁ ହିନ୍ଦୀ ଓ ସଂସ୍କୃତି ଶିକ୍ଷା ଦେଉଥିଲେ, ପାଖରେ ବସୁଥିଲା ବିରେଶ୍ୱର । ତା' ଗାଁର ପିଲା, ତା'ର ସଖା । ରିଚା ବି ତାର ସଖୀ ଥିଲା, ପଣ୍ଡିତ ନବଲ କିଶୋରଙ୍କ କନ୍ୟା । କିନ୍ତୁ ସେ ବିରେଶ୍ୱର ପାଖରେ ବସିବାକୁ ପସନ୍ଦ କରୁଥିଲା । ଭିଡ଼ର ବାହାନା ଦେଖାଇ ରିଚାକୁ ପାଖରେ ବସାଇବାକୁ ମନାକଲା ଗୌରା, 'ତିନି ଜଣିଆ ଭିଡ଼' ।'

ପଣ୍ଡିତ ସ୍ୱରୂପାନନ୍ଦ ବସ୍ତୁତଃ ସରସ୍ୱତୀଙ୍କ ଭକ୍ତ ଥିଲେ । ଯେଉଁଠାରେ ସରସ୍ୱତୀଙ୍କ କୃପା ରହେ, ସେଠାରେ ଲକ୍ଷ୍ମୀଙ୍କ କୃପଣତା ତ ସ୍ୱଭାବିକ ଥିଲା । କେହି ବ୍ୟଙ୍ଗ କରି କହିଲେ କହନ୍ତି, 'ବିଦ୍ୟା ମୋ ମାଆ, କିଏ କଣ ମାଆକୁ ବିକ୍ରି କରେ ?' ରିଚାକୁ କ୍ରୋଧ ଆସୁଥିଲା, କିନ୍ତୁ ବାପାଙ୍କ ସାମ୍ନାରେ, ବାପାଙ୍କ ନିଷ୍ଠା ଦେଖି ସେ ତା'ର କ୍ରୋଧ ପ୍ରକଟ କରି ପାରେନା । ସେ ଦୁଃସାହସ କରି ପାରୁନଥିଲା । ନିଜ ଝିଅ ଭିତରେ ନୀରବ କ୍ରୋଧକୁ ପଣ୍ଡିତ ବୁଝି ପାରୁଥିଲେ ଏବଂ ବୁଝାଉଥିଲେ ।

'ଝିଅ ଋଚା, ଦରିଦ୍ରତା ବା ଗୋଟିଏ ରାତି ଭୋକରେ ଶୋଇଯିବା କ'ଣ ମୋ ଆତ୍ମସମ୍ମାନରୁ ବଡ଼ ? 'ଆତ୍ମଗ୍ଲାନି ଓ ଆତ୍ମଦୟା ଠାରୁ ବଳି ଆଉ କୌଣସି ପାପ ନାହିଁ । ତୋ ବାପାର ଏ କଥାକୁ ଚିରକାଳ ମନେ ରଖିବୁ ।'

ତା'ର ଏ ଛୋଟ ମସ୍ତିଷ୍କ ଏ ଓଜନଦାର କଥା କଣ ମନେ ରହି ପାରିବ । ସେ ତ କେବଳ ଏତିକି ବୁଝୁଥିଲା, ତା' ବାପାଙ୍କୁ ଯେଉଁଥିରେ ସନ୍ତୋଷ ମିଳେ, ସେହି କଥା ହିଁ ଠିକ୍ । ରିଚା ତା' ବାପାଙ୍କ କନ୍ୟା ବି ଥିଲା ମା' ବି ଥିଲା । ପଣ୍ଡିତଜୀଙ୍କୁ ତାଙ୍କ ରିଚା ଗେହ୍ଲି ଝିଅଠାରୁ ବୈଦିକ ରିଚାମାନଙ୍କର ସଂଗୀତ ଶୁଭୁଥିଲା । ରିଚାର କଣ୍ଠ ମଧ ଖୁବ୍ ସୁରିଲା ଥିଲା । ସେ ରିଚାକୁ ଗୀତାର ଶ୍ଳୋକ ମୁଖସ୍ଥ କରାଉଥିଲେ । ସଂସ୍କୃତ ସାହିତ୍ୟ ବୁଝାଉଥିଲେ । ରାମାୟଣରୁ ଚୌପଦୀ ସଂଗୀତ ଦେଇ ଅଭ୍ୟାସ କରାଉଥିଲେ । 'ଶ୍ରୀରାମଚନ୍ଦ୍ର କୃପାଳୁ ଭଜମନ' ପଦ ଯେତେବେଳେ ରିଚା ଗାଉଥିଲା, ମନ୍ଦିରର ବାତାବରଣରେ ଭକ୍ତି ସଂଗୀତର ଲହରୀ ପ୍ରତିଧ୍ୱନିତ୍ୱ ହୁଏ ।

ରିଚାର ଗାଁ ସାରା କୁଡ଼ିଆରୁ ମହଲରେ ରହୁଥିବା ସବୁ ଛୁଆମାନଙ୍କ ସହ ମିତ୍ରତା ଥିଲା । ଟୁକ୍ ଟୁକୀ, ବାସୁ, ବିରେଶ୍ୱର, ସନ୍ଧ୍ୟା, ମଦନ, ତା'ର ପ୍ରିୟ ମିତ୍ର ଥିଲେ । ତା' ଭିତରୁ ସବୁ ଠାରୁ ତା' ଭଲ ମିତ୍ର ଥିଲେ ବିରେଶ୍ୱର ଓ ଟୁକ୍‌ଟୁକୀ । ବିରେଶ୍ୱରର ବାପା କୁମ୍ଭାର ଥିଲେ । ବେଣୀମାଧବ ମନ୍ଦିରରେ ଗୋପାଳବଲ୍ଲଭଙ୍କ ମୂର୍ତ୍ତି ସେ ଗଢ଼ିଥିଲେ । ରାଧାଙ୍କ ମୂର୍ତ୍ତି ଗଢ଼ିବାର ଦାୟିତ୍ୱ ବିରୁକୁ ମାନେ ବିରେଶ୍ୱରକୁ ଦେଇଥିଲେ । କିନ୍ତୁ ବର୍ତ୍ତମାନ ତ ବିରୁର ମନ ରିଚା ପାଖରେ ଏପଟ ସେପଟ ହେଉଥିଲା, ନହେଲେ ଗୌରାର ମହଲ ଭିତରେ ଥିବା ଲାଇବ୍ରେରୀର ବହିପତ୍ରରେ ବୁଲୁଥିଲା । ସେଠାରେ ଇଂରାଜୀରୁ ଅନୁବାଦ ହୋଇଥିବା ହିନ୍ଦୀ ପୁସ୍ତକ ଭରି ହୋଇ ରହିଥିଲା ।

ବିରେଶ୍ୱର ରିଚାର ନିତ୍ୟ ବନ୍ଧୁ ଥିଲା । ସକାଳ ସଞ୍ଜ ଯେତେବେଳେ ଦେଖ ବିରେଶ୍ୱର ରିଚା ଏବଂ ରିଚା ବିରେଶ୍ୱର । ସେତେବେଳେ ବିରେଶ୍ୱରର ବୟସ ବାରବର୍ଷ ଏବଂ ରିଚାର ନଅବର୍ଷ । ଗାଁରେ ରିଚା, ଟୁକ୍‌ଟୁକୀ, ବିରେଶ୍ୱର, ବାସୁ ମିଶି ଖେଳୁଥିବାର ଦେଖାଯାଏ । କେବେକେବେ ରିଚା ବିରେଶ୍ୱର ଦୁହେଁ ନାଳର ପାଣିଧାରରେ ପାଦ ପଚର ପଚର କରି ଖେଳୁଥିଲେ ତ କେତେବେଳେ ଯୋଡ଼ି ହୋଇ କୋଉ ଜଙ୍ଗଲି ଗଛମୂଳରେ ବସିଥିବେ । ବିରୁର ବଂଶୀସ୍ୱନରେ ପ୍ରାୟ ରିଚା ନାଚିଥାଏ । ସେଦିନ ରିଚା ଜିଦ୍ଦି କଲା, 'ବିରୁ ମୋତେ ତୋ ବଂଶୀ ଦେ ମୁଁ ବି ବଜାଇବି ।' 'ବିରୁ ଟିକେ ଫୁଟାଣି ଦେଖାଇ କହିଲା, ବଂଶୀ ବଜାଇବା ସହଜ ନୁହେଁ । ଇଏ କଣ ତୂରୀ ହୋଇଛି କି ? ବୁଝିଲୁ ।'

ରିଚା ଅନୁରୋଧ କରି କହିଲା, 'ହଉ ତୁ ଟିକେ ଶିଖାଇ ଦେ ବିରୁ । ତୋ ସହ କେବେ କଳି କରିବିନି । ତୋ ରାଣ ଖାଉଛି ।'

ବିରୁ ଆଉ ଟିକେ ରିଚାକୁ ଚିଡ଼େଇ କହିଲା, 'ବଂଶୀ ନୁହେଁ କଲସୀ ବଜା ।'

ରିଚା ରାଗିକରି ପଞ୍ଚମ ହୋଇଗଲା । ବଇଁଶୀଖୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲା ଆଉ ଚାଲିଗଲା । କିନ୍ତୁ ତା' ପରଦିନ ପୁଣି ବଇଁଶୀ ବାଜିଲା । ରିଚା ନାଚିଲା, ବିରୁ ପାଇଁ ଭାତ ଡାଲି ମିଛିମିଛିକା ରାନ୍ଧିବା ଖେଳ ଆରମ୍ଭ ହୋଇଗଲା । ମିଛିମିଛିକା ଗୃହସ୍ଥ ନାଟକ । ବିରୁ ଲାଇବ୍ରେରୀରୁ ନୋଟ୍‌ସ ଲେଖିକି ଆଣେ ରିଚାକୁ ଶୁଣାଏ । ବେଳେବେଳେ ବୁଝାଏ । ଚିଚା ଭିତରେ ତା'ର ବାପା ବିଦ୍ୟାର ବୀଜବପନ କରି ସଂସ୍କାରିତ କରିଥିଲେ । ସେ ବିଦ୍ୟାର ବୀଜକୁ ବିରୁ ହିଁ ତା' ଅଜାଣତରେ ଅଙ୍କୁରିତ କରି ଚାଲିଥିଲା ।

ଏମିତି ଦିନ ବିତି ଚାଲିଥିଲା । ଦିନସବୁ ମାସରେ ଓ ମାସସବୁ ବର୍ଷରେ ପରିବର୍ତ୍ତନ ହୋଇ ଚାଲିଥିଲା । ଏମିତି ଠିକ୍‌ଠାକ୍ ସମୟ ଚାଲୁଥିବା ବେଳେ ହଠାତ୍ ନବଲ ପଣ୍ଡିତଙ୍କ ରୋଗ ବ୍ୟବଧାନ ତିଆରି କରିଦେଲା ।

(କ୍ରମଶଃ)

❤ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

## ପତ୍ରିକା ପରିଚୟ


# ଲେଖାଲେଖି

ସମ୍ପାଦକ :
ପ୍ରଦୀପ୍ତ କୁମାର ବେହୁରା

ଠିକଣା : ବି. ଏଲ୍-୮, ଭିଏସ୍ ଏସ୍ ନଗର, ଭୁବନେଶ୍ୱର-୧୦
(ମୋ) ୯୯୩୭୪୭୬୧୭୩
୯୪୩୭୧୭୨୦୩୨

"ଫେସ୍‌ବୁକ୍ ଗୋଟେ ସଂପାଦକ ବିହୀନ ସାମ୍ରାଜ୍ୟ । ଫେସ୍‌ବୁକ୍‌ରେ ଯାହା ସବୁ ଆସେ ସେସବୁ ଅସଂପାଦିତ । ଯିଏ ଯାହା ଲେଖିଲା, ସିଏ ତାକୁ ବିନା ଦ୍ୱିଧାରେ ଫେସ୍‌ବୁକ୍‌ରେ ଛାପିଲା । ସେଠି ଛାପିବାକୁ କିଛି ବାଧାନଥାଏ । କୌଣସି ସମ୍ପାଦକର ସମ୍ପାଦନାର ଛାଟ ନଥାଏ । ସେଠି ଲେଖକ ନିଜେ ସମ୍ପାଦକ । ତା' ମର୍ଜିରେ ଫେସ୍‌ବୁକ୍ ଆକାଉଣ୍ଟ ଚାଲେ । ଏଥିପାଇଁ ଅସଂଖ୍ୟ ବାଜେ ଲେଖାରେ ଭର୍ତ୍ତି ହୁଏ ଫେସ୍‌ବୁକ୍ । ସେସବୁ ବାଜେ ଲେଖା ଭବିଷ୍ୟତର କିଛଇ ମୂଲ୍ୟ ରଖେନା । ଡଷ୍ଟବିନ୍‌କୁ ଯାଏ । ଖାଲିଯାହା ଲେଖକର ବୃଥା ଆତ୍ମତୃପ୍ତି । ଏହି ବୃଥା ଆତ୍ମତୃପ୍ତି, ମିଛ ଅହମିକାରୁ ଲେଖକଟିଏ ଯେତେବେଳେ ମୁକୁଳି ଆସି ସର୍ଜନଶୀଳ ହୁଏ, ଭଲ ବହି ପଢେ, ନିଜେ ସେହିଭଳି ଲେଖିବାକୁ ଚେଷ୍ଟିତ ରହେ, ସେତେବେଳେ ଫେସ୍‌ବୁକ୍‌ର ସେହି ପୁରୁଣା କଥାକୁ ମନେ ପକାଇ ମନେମନେ ଲଜ୍ଜିତ ହୁଏ । କେତେ ଯେ ମୂଲ୍ୟବାନ ସମୟ ସେ ସେଥିରେ ବରବାଦ କଲା ସେକଥା ଭାବି ମନସ୍ତାପ କରେ । ଫେସ୍‌ବୁକ୍ କେବେବି ବହି କି ପତ୍ରିକାର ବିକଳ୍ପ ହେଇପାରେନା, ଏକଥା ବୁଝିଲାବେଳକୁ ତାର ଅନେକ ସମୟ ନଷ୍ଟ ହୋଇଯାଇଥାଏ ଏବେ ଏସବୁ ତର୍ଜମା କରିବାର ସମୟ ଆସିଛି" ବୋଲି ସମ୍ପାଦକୀୟ ବକ୍ତବ୍ୟ ରଖିଛନ୍ତି ଲେଖାଲେଖିର ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରା ମହୋଦୟ, ଯାହା ସମସ୍ତେ ଚିନ୍ତା କରିବାର ସମୟ ଉପନୀତ ବୋଲି ସ୍ୱୀକାର କରିବାକୁ ହେବ ।

ଏଥିରେ ପି.କେ ଙ୍କ ବାଦ-ବିସମ୍ବାଦ କ୍ରମରେ ଗୋପବନ୍ଧୁ ବନାମ ରାଧାନାଥ ଶୀର୍ଷକରେ ବେଶ୍ ରୋଚକ ତଥ୍ୟ ପ୍ରକାଶିତ ହୋଇଥିବା ବେଳେ ବେଲାଳସେନଙ୍କ ଶୁଣାକଥା କ୍ରମରେ ପୁରସ୍କାର ଓ ପତ୍ରିକାରେ ଫଟୋ ପ୍ରକାଶ ପ୍ରସଙ୍ଗ ବେଶ୍ ମନଛୁଆଁ । ଏଥିସହିତ ଦୀନେଶ ଭୋଇଙ୍କ ଫିଚର 'ସାହିତ୍ୟ ମାଫିଆ ଓ ମଂଚ ସଂସ୍କୃତିର ଗୁପ୍ତ ରାଜନୀତି, ହରେକୃଷ୍ଣ ଦାସଙ୍କ ପ୍ରତିଭା ଓ ପୁରସ୍କାର, ମଣୀନ୍ଦ୍ର କୁମାର ମେହେରଙ୍କର ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସାହିତ୍ୟ ଓ ଚିତ୍ରକଳା: ଏକ ତୁଳନା, ପ୍ରକାଶ ପାଇଛି । ଗଳ୍ପ କ୍ରମରେ ଗୋଦାବରୀଶ ମହାପାତ୍ରଙ୍କ ବିଷଶଷ ଗଳ୍ପ 'ମେଲେଏ', ଶ୍ରୀକାନ୍ତ ଦାସଙ୍କ ବାପାମାନେ ବୋକା, ମହାଶ୍ୱେତା ସାହୁଙ୍କ ସତୀ, ଅନସୂୟା ମିଶ୍ରଙ୍କ ଝୁମୁରୀ ଦିନ ଗଣୁଛି ପ୍ରକାଶ ପାଇଥିବା ବେଳେ କବିତା କ୍ରମରେ ବଂଶୀଧର ଷଡଙ୍ଗୀ, କମଳାକାନ୍ତ ପଣ୍ଡା (କଳ୍ପାନ୍ତ), କୁମୁଦିନୀ




ଜୀ ଓ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ କବିତା ବେଶ୍ ମନଲୋଭା ହୋଇଛି ।

ଅନୁବାଦ ଉପନ୍ୟାସ କ୍ରମରେ ସବିହା ରହମାନୀଙ୍କ ହିନ୍ଦୀ ଗଳ୍ପକୁ ଓଡ଼ିଆ ଅନୁବାଦ କରିଛନ୍ତି ସଂଘମିତ୍ରା ରାଏଗୁରୁ ।

ଲେଖକୀୟ ଫଟୋଫାଇଲ ପୃଷ୍ଠାରେ ହୁମାୟୁନ କବୀର ଢ଼ାଲୀଙ୍କ ଫଟୋ ପ୍ରକାଶ ପାଇଥିଲାବେଳେ ୧୯୬୬ ମସିହାରେ ପ୍ରକାଶିତ ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ବିଜ୍ଞାନଭିତ୍ତିକ ଉପନ୍ୟାସ 'ଚନ୍ଦ୍ରର ମୃତ୍ୟୁ'କୁ କଥାକାର ପରେଶ ପଟ୍ଟନାୟକ 'ବହି କଥା' ଶୀର୍ଷକରେ କରିଥିବା ସମୀକ୍ଷା ବେଶ୍ ସୁଖପାଠ୍ୟ ।

ମୋଟାମୋଟି ଭାବରେ ଲେଖାଲେଖି ପତ୍ରିକାର ଚଳିତ ସଂଖ୍ୟାଟି ଖୁବ୍ ସୁନ୍ଦର ଲେଖା, କଭରପୃଷ୍ଠା ଓ ପରିଚ୍ଛନ୍ନ ମୁଦ୍ରଣ ପତ୍ରିକାଟିକୁ ପାଠକାଦୃତ କରିବାକୁ ଯଥେଷ୍ଟ ବୋଲି ବିନା ଦ୍ୱିଧାରେ ସ୍ୱୀକାରିବାକୁ ହେବ ।

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

# ଏଆଇ ଡିସମର୍ଫିଆ: ଦର୍ପଣରେ ନୂଆ ଭୂତ ଆମେ...



ଭୃଗୁରାଜ ଆଚାର୍ଯ୍ୟ



ଏମିତି ଏକ ସମୟ ଥିଲା, ଯେତେବେଳେ ଲୋକେ ଚଳଚ୍ଚିତ୍ର ତାରକାମାନଙ୍କର ଫଟୋ ଧରି ସେଲୁନ୍ ବା ବିଉଟି ପାର୍ଲରକୁ ଯାଉଥିଲେ । ପତ୍ରପତ୍ରିକା ଓ ସିନେମା ପରଦାରେ ଚମକୁଥିବା ସେହି ସେଲିବ୍ରିଟିମାନଙ୍କ ଭଳି ଦେଖାଯିବା ସେମାନଙ୍କର ଇଚ୍ଛା ଥିଲା । କିନ୍ତୁ ଆଜି ସେହି ସ୍ୱପ୍ନ ବଦଳିଯାଇଛି । ଲୋକେ ଆଉ ଅନ୍ୟ କାହା ଭଳି ହେବାକୁ ଚାହୁଁନାହାନ୍ତି; ବରଂ ସେମାନେ ନିଜର ହିଁ ଏକ ଡିଜିଟାଲ୍ ରୂପାନ୍ତରିତ ସଂସ୍କରଣରେ ପରିଣତ ହେବାକୁ ଚାହୁଁଛନ୍ତି । ଏହି ସୂକ୍ଷ୍ମ ପରିବର୍ତ୍ତନ ଆମ ସମୟର ସବୁଠାରୁ ବଡ଼ ମାନସିକ ରୂପାନ୍ତର ମଧ୍ୟରୁ ଅନ୍ୟତମ ।

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଇଓ) ଅତି ଚୁପ୍ ?ଚାପ୍ ଭାବରେ ଆମ ଦର୍ପଣ ଭିତରକୁ ପ୍ରବେଶ କରିସାରିଛି ।

ଏଆଇ ଫିଲ୍ଟର୍, ଚେହେରା ଚମକାଉଥିବା ଆପ୍ଲିକେସନ୍, ପ୍ରସାଧନ ସିମୁଲେସନ୍ ଏବଂ ଆଲଗୋରିଦମ-ଚାଳିତ ସୌନ୍ଦର୍ଯ୍ୟର ମାନଦଣ୍ଡ ମାଧ୍ୟମରେ ଏକ ନୂତନ ମାନସିକ ବ୍ୟାଧି ମୁଣ୍ଡ ଟେକୁଛି—ଯାହା ହେଉଛି 'ଏଆଇ ଡିସମର୍ଫିଆ' (ଇଓ ୟଛଝଙ୍କକୃକ୍ୱକ୍ରଷସବ) । ଜଣେ ବ୍ୟକ୍ତି ଏବେ ନିଜକୁ ଆଉ ଜଣେ ମଣିଷ ସହ ତୁଳନା କରୁନାହିଁ, ବରଂ ସେ ନିଜକୁ ନିଜର ହିଁ ଏକ କୃତ୍ରିମ ରୂପ ସହିତ ତୁଳନା କରୁଛି । ଦ୍ୱନ୍ଦ୍ୱ ଏବେ 'ମୁଁ' ଏବଂ 'ଅନ୍ୟମାନଙ୍କ' ମଧ୍ୟରେ ନାହିଁ; ଏହା 'ମୁଁ' ଏବଂ ଏକ ଅସମ୍ଭବ 'ଡିଜିଟାଲ୍ ସ୍ୱରୂପ' ମଧ୍ୟରେ ଚାଲିଛି ।

ଏହା ବୋଧହୁଏ ପୂର୍ବର ସେଲିବ୍ରିଟି ଅନୁକରଣ ଯୁଗ ଅପେକ୍ଷା ଅଧିକ ବିପଜ୍ଜନକ ।

ଏବେ ବାହ୍ୟ ରୂପ ରଣକ୍ଷେତ୍ର ପାଲଟିଛି, ଯେଉଁଠି ଆନ୍ତରିକ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରାଯାଇଛି ।

ବାହ୍ୟ ରୂପର ଆବଶ୍ୟକତା ଏବଂ ଆନ୍ତରିକ ବ୍ୟକ୍ତିତ୍ୱର ଆବଶ୍ୟକତା କେବେ ସମାନ ନୁହେଁ । ପ୍ରସାଧନ ଓ ସାଜସଜ୍ଜା ଆପଣଙ୍କ ତ୍ୱଚା, ଗାଲ, ହନୁହାଡ଼ କିମ୍ବା ଆଖିକୁ ବଦଳାଇ ଦେଇପାରେ, କିନ୍ତୁ ଏହା ଜ୍ଞାନ, କରୁଣା, ସାହସ କିମ୍ବା ଚରିତ୍ରକୁ ବଦଳାଇ ପାରିବ ନାହିଁ । ଏହା ଶରୀରକୁ ପରିବର୍ତ୍ତନ କରେ, କିନ୍ତୁ ଚିନ୍ତାଧାରାକୁ ନୁହେଁ । ଏହା ଆପଣଙ୍କ ବାହ୍ୟ ରୂପକୁ ସଜାଡ଼ିପାରେ, କିନ୍ତୁ ମନୋଭାବକୁ ନୁହେଁ । ବାସ୍ତବରେ, ଯେତେବେଳେ ଏହା ଏକ ନିଶାରେ ପରିଣତ ହୁଏ, ଏହା ମଣିଷର ଆତ୍ମସମ୍ମାନକୁ କେବଳ ବାହ୍ୟ ଚେହେରା ଉପରେ ନିର୍ଭରଶୀଳ କରି ମନକୁ ଦୁର୍ବଳ କରିଦିଏ ।

ଆଧୁନିକ ପ୍ରଯୁକ୍ତିବିଦ୍ୟା ଭ୍ରମର ଏକ ଅସରନ୍ତି ଶବ୍ଦକୋଷ ମଧ ସୃଷ୍ଟି କରିଛି: ଯେପରିକି ଏଆଇ ଡିସମର୍ଫିଆ, ସ୍ନାପଚାଟ୍ ଡିସମର୍ଫିଆ, ଆଲଗୋରିଦମିକ୍ ବିଉଟି, ଡିଜିଟାଲ୍ ଆଇଡେଣ୍ଟିଟି, କ୍ୟୁରେଟେଡ୍ ପର୍ସୋନା, ବିଉଟି ଫିଲ୍ଟର୍ସ, ଭର୍ଚୁଆଲ୍ ଆଭାଟାର୍, ସିନ୍ଥେଟିକ୍ ଏନହାନ୍ସମେଣ୍ଟ, ଏଆଇ-ଜେନେରେଟେଡ୍ ପରଫେକ୍ସନ ଏବଂ ଏସ୍ଥେଟିକ୍ ଅପ୍ଟିମାଇଜେସନ । ଏହି ଶବ୍ଦଗୁଡ଼ିକ କେବଳ ପ୍ରଯୁକ୍ତିବିଦ୍ୟାର ଉଦ୍ଭାବନକୁ ଦର୍ଶାଉ ନାହାନ୍ତି, ବରଂ ମାନସିକ ବିପ୍ଳବକୁ ବୁଝାଉଛନ୍ତି । ମଣିଷ ଧୀରେ ଧୀରେ ପ୍ରକୃତି ଦେଇଥିବା ନିଜର ଅସଲ ଚେହେରା ପ୍ରତି ଅସନ୍ତୁଷ୍ଟ ହେବାରେ ଲାଗିଛି ।

ମନୋବିଜ୍ଞାନ ଏହି ପ୍ରକ୍ରିୟାକୁ କେତେକ ଦିଗ ମାଧ୍ୟମରେ ବ୍ୟାଖ୍ୟା କରେ । ସାମାଜିକ ତୁଳନା ଆମକୁ କାଳ୍ପନିକ ବା ଆଦର୍ଶ ଚିତ୍ର ସହିତ ନିଜକୁ ମାପିବାକୁ ପ୍ରେରିତ କରେ । 'ବଡି ଡିସମର୍ଫିକ' ପ୍ରବୃତ୍ତି ଛୋଟ ଛୋଟ ତ୍ରୁଟିକୁ ଅସହ୍ୟ ଦୋଷ ଭାବେ ବଡ଼ କରି ଦେଖାଏ । ଅହଂକାରୀ ବା ଆତ୍ମମୁଗ୍ଧ (ଘବକ୍ସମସଦ୍ଧସସଦ୍ଧସସମ) ବ୍ୟକ୍ତିତ୍ୱ ପ୍ରାୟତଃ ବାହ୍ୟ ଆତ୍ମପ୍ରସାଦ ତଳେ ନିଜର ଦୁର୍ବଳ ଆତ୍ମସମ୍ମାନକୁ ଲୁଚାଇ ରଖିଥାଏ । ହୀନମନ୍ୟତା ଅତି ଚୁପ୍ ?ଚାପ୍ ଭାବରେ ନିଖୁଣତା ବା 'ପରଫେକ୍ସନିଜିମ୍'ର ରୂପ ନେଇଥାଏ । ଏହାର ପରିଣାମ ହେଉଛି ଏକ ଅଶାନ୍ତ ମନ, ଯାହା କେବେ ବି ସନ୍ତୁଷ୍ଟ ହୋଇପାରେ ନାହିଁ ।

ଏଠାରେ ଏକ ବିରୋଧାଭାସ ବା ଭ୍ରମାତ୍ମକ ସ୍ଥିତି ଦେଖାଦିଏ ।

ମଣିଷ ମଧ୍ୟରେ ସ୍ୱାଭାବିକ ଭାବେ କିଛି ମାତ୍ରାରେ ଆତ୍ମପ୍ରେମ ଥାଏ । ଆମେ କେଶ କୁଣ୍ଡାଉ, ସୁନ୍ଦର ପୋଷାକ ପିନ୍ଧୁ ଏବଂ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଉ, କାରଣ ଆତ୍ମସମ୍ମାନ ହେଉଛି ଏକ ସୁସ୍ଥ ମାନସିକତାର ଲକ୍ଷଣ । କିନ୍ତୁ ଯେତେବେଳେ ଆତ୍ମପ୍ରେମ, ଆତ୍ମମୁଗ୍ଧତା କିମ୍ବା ପାଗଳାମିରେ ପରିଣତ ହୁଏ, ସେତେବେଳେ ସୌନ୍ଦର୍ଯ୍ୟ ତାର ସ୍ୱାଭାବିକତା ହରାଇବସେ । ଦର୍ପଣ ଆଉ ବାସ୍ତବତାକୁ ପ୍ରତିଫଳିତ କରେନାହିଁ, ବରଂ ଚେହେରାର ପରିଚୟ ସ୍ଥିର କରିବାକୁ ଲାଗେ ।

ବୟସ ବଢ଼ିବା ପ୍ରକ୍ରିୟା ଏହି ବିରୋଧାଭାସକୁ ସବୁଠାରୁ ସ୍ପଷ୍ଟ ଭାବରେ ଦର୍ଶାଏ । ଚେହେରାର ପାଚିଲା କେଶ ଓ ବାର୍ଦ୍ଧକ୍ୟର ଚିହ୍ନ କୌଣସି ରୋଗ ନୁହେଁ; ଏହା ହେଉଛି ଆମ ଜୀବନର ଅନୁଭୂତିର ସ୍ୱାକ୍ଷର । ଶରୀର ପରିପକ୍ୱ ହେବା ସହିତ ବୁଦ୍ଧି, ବିଚାର ଏବଂ ଜ୍ଞାନର ମଧ୍ୟ ପରିପକ୍ୱତା ଆଶା କରାଯାଏ । ବୟସର ପ୍ରତ୍ୟେକ ଚିହ୍ନ ବିରୁଦ୍ଧରେ ଯୁଦ୍ଧ କରିବା ମାନେ, ଏକ ପ୍ରକାରେ ଆମକୁ ପରିପକ୍ୱ କରୁଥିବା ସେହି ଜୀବନ ଯାତ୍ରାକୁ ହିଁ ପ୍ରତ୍ୟାଖ୍ୟାନ କରିବା । ଚିର ଯୌବନର ଅନ୍ଧ ଅନ୍ୱେଷଣ ଅଜାଣତରେ ପ୍ରୌଢ଼ତ୍ୱ ବା ବୟସ୍କ ହେବାର ବାସ୍ତବତାରୁ ଖସିଯିବାର ଏକ ପ୍ରୟାସ ପାଲଟିଯାଏ ।

ଏହି ନିଶା ଆଉ ଏକ ଭୁଲ୍ ଧାରଣାକୁ ମଧ ସାମ୍ନାକୁ ଆଣେ । 'ନିଖୁଣତା' ବା ପରଫେକ୍ସନକୁ ଜୀବନର ସର୍ବୋତ୍ତମ ସ୍ଥିତି ବୋଲି ଭାବି ନିଆଯାଏ । କିନ୍ତୁ ସେହି ସର୍ବୋତ୍ତମ ସ୍ଥିତି କେବେ ବି ସ୍ଥାୟୀ ନୁହେଁ । ପ୍ରତ୍ୟେକ ପ୍ରଯୁକ୍ତିବିଦ୍ୟାର ପ୍ରଗତି ଏକ ନୂଆ ମାନଦଣ୍ଡ ସୃଷ୍ଟି କରେ । ପ୍ରତ୍ୟେକ ପ୍ରସାଧନ ଚିକିତ୍ସା (ଉକ୍ସଶ୍ଚଙ୍କରଶ୍ଚସମ କ୍ସ୍ୱକ୍ସମରୟଙ୍କକ୍ସର) ଆଉ ଏକ ଅସନ୍ତୋଷ ଜନ୍ମ ଦିଏ । ପ୍ରତ୍ୟେକ ଫିଲ୍ଟର୍ ଆଉ ଏକ ନୂଆ ତ୍ରୁଟି ଦେଖାଇଦିଏ । ଗନ୍ତବ୍ୟ ସ୍ଥଳ ଯାତ୍ରୀଠାରୁ କ୍ରମାଗତ ଭାବେ ଦୂରେଇ ଚାଲିଥାଏ । ତେଣୁ ନିଖୁଣ ଚେହେରାର ଅନ୍ୱେଷଣ ପ୍ରଗତି ନୁହେଁ, ବରଂ ଏକ ପ୍ରକାର ମାନସିକ ବନ୍ଦୀତ୍ୱ ପାଲଟିଯାଏ ।

ଦୁଃଖର ବିଷୟ ହେଉଛି, ମାନବ ସମାଜ ଶରୀରକୁ ସୁନ୍ଦର କରିବା ପାଇଁ ଅପାର ଶକ୍ତି ବିନିଯୋଗ କରୁଛି, କିନ୍ତୁ ମନର ବିକାଶକୁ ଅବହେଳା କରୁଛି । କରୁଣା, ଜ୍ଞାନ, କଳ୍ପନାଶକ୍ତି, ସାଧୁତା ଏବଂ ଜ୍ଞାନ ଉପରେ ଏବେ ସେତିକି ଧ୍ୟାନ ଦିଆଯାଉ ନାହିଁ, ଯେତିକି ତ୍ୱଚାର ମସୃଣତା, ଚେହେରାର ଗଠନ କିମ୍ବା ଡିଜିଟାଲ୍ ଦୁନିଆର ଲାଇକ୍-କମେଣ୍ଟ ଉପରେ ଦିଆଯାଉଛି । କସମେଟିକ୍ ବିଜ୍ଞାନ କ୍ଷେତ୍ରରେ ସଭ୍ୟତା ଆଗକୁ ବଢ଼ୁଛି, କିନ୍ତୁ ନୈତିକ ବିକାଶ ପଛରେ ପଡ଼ିଯାଉଛି ।

ସୌନ୍ଦର୍ଯ୍ୟ ନିଜେ କୌଣସି ଶତ୍ରୁ ନୁହେଁ । ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ଶାଳୀନତା ଏବଂ ମର୍ଯ୍ୟାଦା ମାନବ ଜୀବନକୁ ସମୃଦ୍ଧ କରେ । ପୁନର୍ଗଠନ ସର୍ଜରୀ (ଜରମକ୍ସଭଶ୍ଚଶ୍ଚକ୍ସଙ୍କମଶ୍ଚସଙ୍କର ଶ୍ଚଙ୍କକ୍ସଶରକ୍ସଛ), ଆଘାତ ସୁଧାରିବା ଏବଂ ପ୍ରକୃତ ବିକୃତିକୁ ଦୂର କରିବାରେ କସମେଟିକ୍ ମେଡିସିନ୍ ?ର ଏକ ମହତ ଭୂମିକା ରହିଛି । ବିପଦ ସେତେବେଳେ ଆରମ୍ଭ ହୁଏ ଯେତେବେଳେ ଏହି ରୂପ ବର୍ଦ୍ଧନ ଏକ ନିଶା ପାଲଟିଯାଏ, ଯେତେବେଳେ ପରିଚୟ ଆଲଗୋରିଦମ୍ ଉପରେ ନିର୍ଭର କରେ ଏବଂ ଚେହେରା ଚରିତ୍ରର ସ୍ଥାନ ନେଇଯାଏ ।

ତେଣୁ ଏହାର ପ୍ରତିକାର ପ୍ରଯୁକ୍ତିବିଦ୍ୟାକୁ ବର୍ଜନ କରିବା ନୁହେଁ, ବରଂ ସନ୍ତୁଳନ ରକ୍ଷା କରିବା । କୃତ୍ରିମ ବୁଦ୍ଧିମତ୍ତା (ଇଓ) କେବଳ ଏକ ସେବକ ହୋଇ ରହିବା ଉଚିତ, ଏହା ଆମ ଆତ୍ମସମ୍ମାନର ନିର୍ମାତା ହେବା ଅନୁଚିତ । କସମେଟିକ୍ ବିଜ୍ଞାନ ସ୍ୱାସ୍ଥ୍ୟକୁ ସାହାଯ୍ୟ କରିବା ଉଚିତ, ମନରେ ହୀନମନ୍ୟତା ସୃଷ୍ଟି କରିବା ଉଚିତ ନୁହେଁ । ଶିକ୍ଷା ବ୍ୟବସ୍ଥା ଯୁବପିଢ଼ିଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରାର ବିକାଶ କରିବା ଆବଶ୍ୟକ, ଯେପରି ସେମାନେ ଡିଜିଟାଲ୍ ଭ୍ରମ ଏବଂ ଜୈବିକ ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିପାରିବେ ।

ମାନବର ବିବର୍ତ୍ତନ ସର୍ବଦା ପ୍ରକୃତି, ସଂସ୍କୃତି ଏବଂ ଜ୍ଞାନ ମାଧ୍ୟମରେ ଧୀରେ ଧୀରେ ମାନବିକତାର ଉନ୍ନତି ଆଣିଛି । ଆମେ ନିଶ୍ଚିତ ଭାବରେ ଜଣେ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ । କିନ୍ତୁ 'ଭଲ' ହେବାର ଅର୍ଥ ପ୍ରଥମେ ବିବେକ, ଜ୍ଞାନ, ସୃଜନଶୀଳତା, ସହାନୁଭୂତି ଏବଂ ସାଧୁତାକୁ ବୁଝାଇବା ଉଚିତ—କେବଳ ମସୃଣ ତ୍ୱଚା କିମ୍ବା ଆକର୍ଷଣୀୟ ଚେହେରାକୁ ନୁହେଁ ।

ଦର୍ପଣ କେବଳ ସାକ୍ଷୀ ହୋଇ ରହିବା ଉଚିତ, ବିଚାରପତି ନୁହେଁ । କୃତ୍ରିମ ବୁଦ୍ଧିମତ୍ତା ଆମର ଦକ୍ଷତାକୁ ଆଲୋକିତ କରିବା ଉଚିତ, ଆମର ଅସୁରକ୍ଷା ଭାବନାକୁ ବଢ଼ାଇବା ଉଚିତ ନୁହେଁ । ମାନବଜାତିର ଭବିଷ୍ୟତ ଏହା ଦ୍ୱାରା ସ୍ଥିର ହେବ ନାହିଁ ଯେ ଆମେ ଆମର ଚେହେରାକୁ କେତେ ନିଖୁଣ ଭାବରେ ସଜାଉଛୁ, ବରଂ ଏହା ଦ୍ୱାରା ସ୍ଥିର ହେବ ଯେ ଆମେ ଆମର ମନକୁ କେତେ ଗଭୀର ଭାବରେ ସମୃଦ୍ଧ କରୁଛୁ ।

ସବୁଠାରୁ ବଡ଼ ରୂପାନ୍ତର କେବେ ବି ବାହ୍ୟ ପ୍ରସାଧନ ନୁହେଁ ।

ଏହା ହେଉଛି ନୈତିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ।

❤ କେଶଦୁରାପାଳ, କେଉଁଝର
(ମୋ) - ୭୦୦୮୧ ୪୪୩୭୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୨୩ ଅଗଷ୍ଟ ୨୦୨୬
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି

## ବିକ୍ରମ କେଶରୀ ବିଶ୍ୱାଳ



ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ବିଶେଷ ଓ ବ୍ୟାପକ ଗୁରୁତ୍ୱ ଦେଇଛି । ପର୍ଯ୍ୟାପ୍ତ ବଜେଟ ସହିତ ଅନେକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି । ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୈତିକ ମୂଲ୍ୟବୋଧ ନିମିତ୍ତ ଆଦର୍ଶ ଆଚରଣ ବିଧି ବ୍ୟବସ୍ଥା ସମ୍ପର୍କରେଯୋଜନା ହୋଇଛି । ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ମହାନ ଗୁରୁ-ଶିଷ୍ୟ, ଶିକ୍ଷକ ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଓ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଓ ଶିକ୍ଷାନୁଷ୍ଠାନ ପରିସରରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ପାଇଁ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପାଇଁ ଏହା ଲାଗିବ । ଆଦର୍ଶ ଆଚରଣ ବିଧିକୁ କ୍ୟାମ୍ପସରେ କଡ଼ାକଡ଼ି ପାଳନ, ଶିକ୍ଷାନୁଷ୍ଠାନ ପୁସ୍ତିକା, ନାମ ଲେଖା କିଟ, ଛାତ୍ରଛାତ୍ରୀ ହ୍ୟାଣ୍ଡବୁକ ଓ ଅଫିସିଆଲ ୱେବସାଇଟରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହି ଆଚରଣ ବିଧିକୁ ସାମିଲ କରିବେ । ଏହାକୁ ଅତ୍ୟନ୍ତ ନିଷ୍ଠାପର, ଯୋଜନାବଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଲାଗୁ କରିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶିତ କରାଯାଇଛି ।

ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି । ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି । ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିତ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ୍ତ କାରଣ ଦର୍ଶାଇବେ । ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି । ବାସ୍ତବରେ ଅନେକ ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମୟ ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ହିଁ ଅକାରଣରେ ନଷ୍ଟ ହୋଇଯାଏ । ସେହିପରି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକାଳପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ ତେବେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦିଆଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ସେହିପରି ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ନଷ୍ଟ କରିଥିବା ପିଲାମାନଙ୍କ ଠାରୁ କ୍ଷତି ପୂରଣ ଆଦାୟ କରାଯିବ । କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ନିୟମିତ ଭାବେ ବିଶୃଙ୍ଖଳା, କ୍ୟାମ୍ପସରେ ଶାନ୍ତି ବ୍ୟାହାତ କଲେ ବିଦ୍ୟାର୍ଥୀଙ୍କୁ ସାମହିକ ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାମ୍ପସ ପରିସରରେ ଅଶୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡ଼ନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରସୟ ଦିଆଯିବ ନାହିଁ । ଏଭଳି କୌଣସି ଘଟଣା ଘଟିଲେ ପ୍ରାଥମିକ ଭାବରେ ଏହା ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନଜରକୁ ଅଣାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

> ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି । ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି । ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିତ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ୍ତ କାରଣ ଦର୍ଶାଇବେ । ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି ।

ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସେମାନଙ୍କ ଶିକ୍ଷା ବର୍ଷଟି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସ୍ମରଣୀୟ ଓ ଶିକ୍ଷଣୀୟ । ଶିକ୍ଷାବର୍ଷ ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରୟ ଆୟୋଜିତ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆଚରଣ, ଶିଷ୍ଟାଚାର ଓ କଣ କରିବେ ଓ ନକରିବେ ସେ ସମ୍ପର୍କରେ ସଚେତନ ହେବେ । ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ । ଗୋଷ୍ଠୀ ବିବାଦ, ଅନ୍ୟକୁ ଚିଡ଼ାଇବା, ର୍‍ୟାଗିଂ ଭଳି କାର୍ଯ୍ୟକ୍ରମ ଉପରେ କଠୋର କଟକଣା ଲାଗିଛି । ଛାତ୍ରାବାସ ଅଧୀକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ । ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ବାଧ୍ୟତାମୂଳକ । ଅଧ୍ୟାପକ, ଆଧ୍ୟାପିକା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ । ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଅସାମାଜିକ କାର୍ଯ୍ୟ ନେଇ ଅଭିଯୋଗ ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଶିକ୍ଷା ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ନିମିତ୍ତ ପ୍ରତି କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ବିବାଦ ସମାଧାନ କମିଟି ରହିବ । ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ରହିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ଛାତ୍ର ବା ଗୋଷ୍ଠୀଙ୍କ ପ୍ରତି ଏକ ପାକ୍ଷିଆ ନିଷ୍ପତ୍ତି ନେବା ଅନୁଚିତ । ପରୀକ୍ଷା ଭୟ ଆଳ ଦେଖାଇ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରିପାରିବେ ନାହିଁ, ସେମାନଙ୍କ ଆଚରଣ ସନ୍ଦେହର ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ । ଯଦି କୌଣସି ବିଦ୍ୟାର୍ଥୀ ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୁଦ୍ଧରେ ଅଭିଯୋଗ ରଖନ୍ତି ତେବେ ତୁରନ୍ତ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ଏଥିପାଇଁ ଏକାଡ଼େମିକ ଛୁଟି ନେବେ ତାହା ସହିତ ନିୟମିତ୍ତ ସମୟାନୁବର୍ତ୍ତୀ ରହିବେ । ଯଦି କୌଣସି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା ମେଳି ଦେଖାଦିଏ ତେବେ ସେମାନେ ଅଧ୍ୟକ୍ଷଙ୍କୁ ଅବଗତ କରାଇବେ । କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ନିମିତ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ, ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ପ୍ରାଥମିକତା ଦେବେ । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଓ କ୍ୟାମ୍ପସର ପ୍ରତିଟି ଘଟଣା ଉପରେ ତୀକ୍ଷଣ ନଜର ରଖିବେ । ଆଇସିର ମାର୍ଗଦର୍ଶିକାକୁ କଡ଼ା କଡ଼ି ପାଳନ, ଗୋଷ୍ଠୀ ବିବାଦକୁ କ୍ୟାମ୍ପସରେ ସମାଧାନ, ଅସାମାଜିକ ବ୍ୟକ୍ତିଙ୍କ ଅନଧିକୃତ ପ୍ରବେଶ ଉପରେ କଟକଣା, ହଷ୍ଟେଲରେ ରାତ୍ରୀକାଳୀନ ଯାଞ୍ଚ, ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ମନା, ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଅଭିଭାବକଙ୍କୁ ମୋବାଇଲ ମାଧ୍ୟମରେ ଅବଗତ କରାଇବା ଏବଂ କ୍ୟାମ୍ପସ ପରିସରର ଚର୍ତୁଦିଗରେ ଚବିଶି ଘଣ୍ଟିଆ ସିସିଟିଭି ଉପରେ ନଜର ରଖିବେ । କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ସଭା କିମ୍ବା ସମାବେଶ କରାଯାଇପାରିବ ନାହିଁ । ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରତି ମାସରେ ଅତିକମରେ ଥରେ ବିଭିନ୍ନ ବିଭାଗ ପରିଦର୍ଶନ କରି ପାଠ୍ୟ ଯୋଜନା ଓ ରେଜିଷ୍ଟର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଛାତ୍ରବୃତ୍ତି, ଶିକ୍ଷା, ପ୍ରୋତ୍ସାହନ ପାଇଁ ଯୁବ ଓ ଦକ୍ଷ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ୟକ୍ତିନିଷ୍ଠ ଉଦ୍ୟମ ପ୍ରଶଂସନୀୟ । ସର୍ବଭାରତୀୟ ସ୍ତରରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ ଅନେକ ମେଧାବୀଙ୍କୁ ସୃଷ୍ଟି କରିଛି । ଯେଉଁମାନେ ଆଜି ଦେଶ ବିଦେଶରେ ନିଜ ନିଜ କ୍ଷେତ୍ରରେ ବେଶ ପ୍ରତିଷ୍ଠିତ ଓ ଓଡ଼ିଶାର ଉଚ୍ଚଶିକ୍ଷାର ଗର୍ବ ଓ ଗୌରବକୁ ବୃଦ୍ଧି କରିଛନ୍ତି ।

♥ ଯାଜପୁର ରୋଡ଼, ଯାଜପୁର,
ମୋ: ୯୯୩୮୫୩୬୦୭୬

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# କଟକର କରୁଣାମୟ କର୍ମଯୋଗୀ : ଡାକ୍ତର ନୀଳମାଧବ ରଥ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ



### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ । ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ । କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ୍ୟ ମ୍ଳାନ ହୋଇଯାଏ । ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ । ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ ।'

ଚିକିତ୍ସା କ୍ଷେତ୍ରରେ କ୍ରମାଗତ ବ୍ୟବସାୟିକତା ବୃଦ୍ଧି ପାଉଥିବା ଏହି କାଳରେ, ପ୍ରଫେସର ଡାକ୍ତର ନୀଳମାଧବ ରଥ ଆଶା, ଆଦର୍ଶ ଓ ସୁମହତ ସେବାର ଏକ ମହାନ ସ୍ତମ୍ଭ ଭାବେ ଶୋଭାପାଉଛନ୍ତି । କଟକର ଐତିହାସିକ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ପ୍ରାକ୍ତନ ସ୍ୱନାମଧନ୍ୟ ମାନସିକ ରୋଗ ବିଶେଷଜ୍ଞ ତଥା ଅଧ୍ୟାପକ ଭାବେ, ତାଙ୍କର ଖ୍ୟାତି କେବଳ ଗଭୀର ଜ୍ଞାନ ମଧ୍ୟରେ ସୀମିତ ନୁହେଁ, ରୋଗୀମାନଙ୍କ ପାଇଁ ସେ କେବଳ ଜଣେ ଜ୍ଞାନୀ ମାନସିକ ରୋଗ ଚିକିତ୍ସକ ନୁହନ୍ତି; ସେ ସାକ୍ଷାତ୍ ସଂଜୀବନୀ, ନୀତିମାନ୍ ନିର୍ଦ୍ଦେଶକ ଓ ମାନବିକତାର ସାକ୍ଷାତ୍ ପ୍ରତୀକ । ତାଙ୍କ ଜୀବନ ଉଚ୍ଚ ବୌଦ୍ଧିକ ବାସ୍ତବତା ଓ ଦୀନ ଦୁଃଖୀଙ୍କ ପ୍ରତି କରୁଣାର ଅପୂର୍ବ ସମନ୍ୱୟ ।

### ନିଃସ୍ୱାର୍ଥପର ସେବାର ଶୁଭାରମ୍ଭ

ଡାକ୍ତର ରଥଙ୍କ ମହାନ୍ ଯୋଗଦାନର ମାପକାଠି ମେଡିକାଲ ସମ୍ମିଳନୀରେ ନୁହେଁ, ବରଂ କଟକର ସଂକୀର୍ଣ୍ଣ ଗଳିର ପ୍ରାତଃକାଳୀନ ପ୍ରଶାନ୍ତ ପରିବେଶରେ ପରିଲକ୍ଷିତ ହୁଏ । ଐତିହାସିକ ସହରରେ ପ୍ରଭାତର ସୂର୍ଯ୍ୟୋଦୟ ସହ ଆର୍ଦ୍ର ଉତ୍ତାପ ବୃଦ୍ଧି ପାଏ । ତଥାପି, ସକାଳ ଛଅଟା ସୁଦ୍ଧା ଶହ ଶହ ସହାୟତାହୀନ ସାଧାରଣ ଲୋକ ତାଙ୍କ ବାସଭବନ ଆଗରେ ସମବେତ ହୋଇସାରିଥାନ୍ତି । ଗଳି ସାରା ବିଚ୍ଛୁରିତ ହୋଇ ବସିଥିବା ଏହି ଲୋକମାନଙ୍କ ମଧ୍ୟରୁ କେତେକ ରାତିସାରା ଯାତ୍ରା କରି କ୍ଳାନ୍ତ ହୋଇପଡ଼ିଥାନ୍ତି, ତ ଆଉ କେତେକ ମାନସିକ ଜ୍ୱାଳାରେ ଯନ୍ତ୍ରଣାପାଉଥାନ୍ତି ।

ଡାକ୍ତର ରଥଙ୍କ ଚିକିତ୍ସାଳୟର ( କହିବା ବାହୁଲ୍ୟ ଆପଣା ବୈଠକ ଘର ହିଁ ରୋଗୀଙ୍କ ଆଶ୍ରୟସ୍ଥଳ) ବ୍ୟବସ୍ଥା ଅତ୍ୟନ୍ତ ସରଳ, ସହଜ ଓ ସମାନତାପୂର୍ଣ୍ଣ । ସେଠାରେ କୌଣସି ବୈଷୟିକ ବୁକିଂ ଆପ୍ କିମ୍ବା ସୁରକ୍ଷାକର୍ମୀ ନାହାନ୍ତି । ବରଂ ରୋଗୀମାନେ ବୈଠକଖାନାରେ ରଖାଯାଇଥିବା ଏକ ସାଧାରଣ କାଗଜରେ ନିଜ ନାମ ଲେଖି ନିଜକୁ ନିବନ୍ଧିତ କରନ୍ତି—ଯାହା ସମ୍ପୂର୍ଣ୍ଣ ନିରୀକ୍ଷଣହୀନ ଓ ଆସ୍ଥା ଉପରେ ଆଧାରିତ ।

ଭାରତୀୟ ରେଳପଥର ଅନିଶ୍ଚିତ ସମୟସାରଣୀ ଯୋଗୁଁ ବୁର୍ଲାରୁ ଆସି (ଯେତେବେଳେ ସେ ବୁର୍ଲାରେଥିଲେ) ପହଞ୍ଚିଲେ ମଧ୍ୟ, ଡାକ୍ତର ରଥ କୌଣସି ସହାୟକଙ୍କୁ ଅପେକ୍ଷା କରନ୍ତି ନାହିଁ । କୌଣସି ସମାରୋହ କିମ୍ବା ପ୍ରଶାସନିକ ଆଡମ୍ବର ବିନା, ସେ ସିଧାସଳଖ ଯାତ୍ରାରୁ ଆସି ସେବା କାର୍ଯ୍ୟରେ ନିୟୋଜିତ ହୁଅନ୍ତି । ରୋଗୀଙ୍କର ଏହି ବିଶାଳ ସଂଖ୍ୟା ଜଣେ ସାଧାରଣ ଚିକିତ୍ସକଙ୍କୁ ବ୍ୟାକୁଳ କରିଦିଅନ୍ତା, କିନ୍ତୁ ଡାକ୍ତର ରଥଙ୍କ ପାଇଁ ଏହା ଏକ ଦୈନନ୍ଦିନ ଆଧ୍ୟାତ୍ମିକ ସାଧନା । ଅପରାହ୍ନ ଦୁଇଟା, ଯେତେବେଳେ ସାଧାରଣ କ୍ଲିନିକ୍ ଗୁଡ଼ିକ ବନ୍ଦ ହୋଇଯାଏ, ସେତେବେଳେ ମଧ୍ୟ ସେ ବିନା ବିଶ୍ରାମରେ ରୋଗୀ ଦେଖିବା ଜାରି ରଖନ୍ତି । ତାଙ୍କର ଆହାର ଅତ୍ୟନ୍ତ ସାମାନ୍ୟ—ଟେବୁଲରେ ଖୁବ୍ ଶୀଘ୍ର ପିଇନେଉଥିବା ଏକ ଗ୍ଲାସ୍ କ୍ଷୀର, ଯାହା ପରେ ତାଙ୍କ ଦୃଷ୍ଟି ପୁନର୍ବାର ଆରମ୍ଭ ହୁଏ ପରବର୍ତ୍ତୀ ଆର୍ତ୍ତ ରୋଗୀର ସେବାରେ । ସନ୍ଧ୍ୟା ପାଞ୍ଚଟା ପଞ୍ଚତିରିଶି ସୁଦ୍ଧା ରୋଗୀ କ୍ରମାଙ୍କ ୧୮୫ ଅତିକ୍ରମ (ମୁଁ ଯେଉଁଦିନ ତଥ୍ୟ ନେବାକୁ ଯାଇଥିଲି) କରେ, ତଥାପି ଆଶାୟୀଙ୍କ ଆଗମନ ଅବ୍ୟାହତ ରହେ ।

### ନିୟମାବଳୀର ଉର୍ଦ୍ଧ୍ୱରେ: ଚିକିତ୍ସା ନିପୁଣତାର ନିଦର୍ଶନ

ଡାକ୍ତର ରଥଙ୍କ ସ୍ୱତନ୍ତ୍ରତା ତାଙ୍କର ନିଶ୍ଚିତ ଚିକିତ୍ସା ନିପୁଣତା ଓ ସାହସିକ ନିର୍ଣ୍ଣୟ ନେବାର କ୍ଷମତାରେ ରହିଛି । ଭାରତୀୟ ମାନସିକ ଚିକିତ୍ସା କ୍ଷେତ୍ରରେ ସେ ଜଣେ ଜ୍ଞାନୀ ଓ ସମ୍ମାନିତ ବ୍ୟକ୍ତିତ୍ୱ ଭାବେ ସର୍ବତ୍ର ସ୍ୱୀକୃତ । 'ମାନିକ୍-ଡିପ୍ରେସିଭ୍ ସାଇକୋସିସ୍' (MDP) ଓ ଗମ୍ଭୀର ଅବସାଦ ଭଳି ମାନସିକ ସମସ୍ୟା ଗୁଡ଼ିକ ପାଇଁ ସୂକ୍ଷ୍ମ ତଥା ବ୍ୟକ୍ତିଗତ ଯତ୍ନ ଆବଶ୍ୟକ ।

ଯେଉଁଠି ଆଧୁନିକ ଚିକିତ୍ସକମାନେ କେବଳ ସାଧାରଣ ନିୟମାବଳୀ ମଧ୍ୟରେ ସୀମିତ ରହନ୍ତି, ସେଠାରେ ଡାକ୍ତର ରଥ ଜଣେ ଦୂରଦର୍ଶୀ ଭାବେ ଆବଶ୍ୟକତା ସମୟରେ ଆଇ.ସି.ଏମ୍.ଆର୍ (ICMR) ଗାଇଡଲାଇନର ଉର୍ଦ୍ଧ୍ୱକୁ ଯାଇ ଚିନ୍ତା କରିବାର ପ୍ରଜ୍ଞା ରଖନ୍ତି । ସ୍ନାୟୁବିଜ୍ଞାନ ଓ ମାନବ ମନୋବିଜ୍ଞାନ ଉପରେ ତାଙ୍କର ଗଭୀର ଜ୍ଞାନ ଯୋଗୁଁ ସେ ମାନବ ମନର ଆରୋଗ୍ୟ ପାଇଁ ବିକଳ୍ପ ଚିକିତ୍ସା ମାର୍ଗର ସଫଳ ପରୀକ୍ଷଣ କରନ୍ତି । ଏବଂ ଆଶ୍ଚର୍ଯ୍ୟଜନକ ଭାବେ, ତାହା ସଫଳ ହୁଏ । ତାଙ୍କର ନିରୁପିତା ଆରୋଗ୍ୟ ଦକ୍ଷତା ସାରା ଓଡ଼ିଶାରେ ତାଙ୍କୁ ଜଣେ କିମ୍ବଦନ୍ତୀର ମାନ୍ୟତା ଦେଇଛି, ଯାହା ପ୍ରମାଣ କରେ ଯେ ମାନସିକ ଚିକିତ୍ସା କେବଳ ମସ୍ତିଷ୍କର ବିଜ୍ଞାନ ନୁହେଁ, ଆତ୍ମାର ଏକ ଅପୂର୍ବ କଳା ।

### ବୌଦ୍ଧ ଭାବଧାରା ଓ ବିଷୟ-ବିରକ୍ତି

ଡାକ୍ତର ରଥଙ୍କୁ ସାକ୍ଷାତ୍ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଯାହା ସବୁଠାରୁ ବେଶି ସ୍ତମ୍ଭୀଭୂତ କରେ, ତାହା ହେଉଛି ତାଙ୍କର ସମାଜସେବା ପାଇଁ ଅସୀମ ସ୍ପୃହା ଓ ସାଂସାରିକ ସମ୍ପଦ ପ୍ରତି ସମ୍ପୂର୍ଣ୍ଣ ବିରକ୍ତି । ବୌଦ୍ଧ ଦର୍ଶନର ଅନାସକ୍ତି ଓ କରୁଣା ଦ୍ୱାରା ପ୍ରଭାବିତ ହୋଇ, ସେ ଧନ, ସମ୍ପତ୍ତି କିମ୍ବା ପ୍ରତିପତ୍ତି ପ୍ରତି କୌଣସି ମୋହ ରଖନ୍ତି ନାହିଁ ।

ତାଙ୍କ ଦ୍ୱାରସ୍ଥ ହେଉଥିବା ଦୀନ ଦୁଃଖୀମାନଙ୍କଠାରୁ ବା ରୋଗୀ - କାହାଠୁ ବି ଡାକ୍ତର ରଥ କୌଣସି ଫି' ଗ୍ରହଣ କରନ୍ତି ନାହିଁ । ରୋଗୀମାନଙ୍କର ଦାରୁଣ ଦାରିଦ୍ର୍ୟ—ଯେଉଁମାନଙ୍କ ମଧ୍ୟରୁ ଅନେକ କଟକ ଆସିବା ପାଇଁ ନିଜର ଶେଷ ସମ୍ବଳ ଖର୍ଚ୍ଚ କରିଦେଇଥାନ୍ତି—ତାହା ବୁଝି, ସେ ନିଜ ନିକଟରେ ଥିବା ମାଗଣା ଔଷଧ ସାମ୍ପୁଲ୍ ସେମାନଙ୍କୁ ପ୍ରଦାନ କରନ୍ତି । ସେ କେବଳ ରୋଗର ଚିକିତ୍ସା କରନ୍ତି ନାହିଁ ବରଂ ରୋଗୀଙ୍କ ଆର୍ଥିକ ଯନ୍ତ୍ରଣାକୁ ମଧ୍ୟ ନିଜେ ବହନ କରନ୍ତି ।

ସାଂସାରିକ ସମ୍ପଦ ପ୍ରତି ଏହି ସମ୍ପୂର୍ଣ୍ଣ ସ୍ପୃହାହୀନତା ଓ ମାନବସେବା ପ୍ରତି ଅଗାଧ ପ୍ରେମ ତାଙ୍କର ସମୟ ପରିଚାଳନାରୁ ସ୍ପଷ୍ଟ ଜଣାପଡ଼େ । ଫୋନ୍ କଲ୍ ସାଧାରଣତଃ ତାଙ୍କ ଚିକିତ୍ସା ସମୟରେ ବ୍ୟାଘାତ ସୃଷ୍ଟି କରେ ନାହିଁ, କିନ୍ତୁ ଯଦି କେବେ ଫୋନ୍ ବାଜେ, ତାଙ୍କର ଉତ୍ତର ତାଙ୍କ ସାଧୁସୁଲଭ ପ୍ରାଥମିକତାକୁ ଦର୍ଶାଏ । କୌଣସି ବ୍ୟକ୍ତିଗତ କଲ୍ ଆସିଲେ, ସେ ଅତ୍ୟନ୍ତ କୋମଳ ତଥା ନମ୍ର ସ୍ୱରରେ କହନ୍ତି:

'ମାଆ, ଟିକେ ଅପେକ୍ଷା କର । ମୁଁ ବର୍ତ୍ତମାନ ରୋଗୀସେବାରେ ବ୍ୟସ୍ତ ଅଛି ।'

ଡାକ୍ତର ରଥଙ୍କ ପାଇଁ, ତାଙ୍କ ସମ୍ମୁଖରେ ବସିଥିବା ଯନ୍ତ୍ରଣାକ୍ଲିଷ୍ଟ ମଣିଷଟି ହିଁ ସମଗ୍ର ବ୍ରହ୍ମାଣ୍ଡର କେନ୍ଦ୍ରବିନ୍ଦୁ ।



### ଉପସଂହାର: ଜଣେ ସତ୍ୟକାରୀ ସାଧକ ଓ ସୁଚିକିତ୍ସକ


ଡାକ୍ତର ରଥଙ୍କ ସମର୍ପଣର କଳ୍ପନାତୀତ ପରିମାଣ ତାଙ୍କର କଠିନ ଦୈନନ୍ଦିନ ସମୟସାରଣୀରୁ ସ୍ପଷ୍ଟ ହୁଏ । ସକାଳେ ରୋଗୀମାନଙ୍କ ପାଖରେ ପହଞ୍ଚିବା ପାଇଁ ସମ୍ବଲପୁରରୁ କଟକ ରାତିସାରା ଯାତ୍ରା କରିବା, ଏବଂ ପୁନର୍ବାର ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ପାଇଁ ଫେରିଯିବା- ବିନା କୌଣସି ପ୍ରତ୍ୟାଶାରେ- ତାଙ୍କ ପାଇଁ ଏକ ସାଧାରଣ ଘଟଣା ।

ଡାକ୍ତର ରଥଙ୍କୁ ଏହି କର୍ମମୟ ରୂପରେ ଦେଖିବା ଜଣଙ୍କୁ ସମ୍ପୂର୍ଣ୍ଣ ଚକିତ ଓ ସ୍ତବ୍ଧ କରିଦିଏ । ସମ୍ବେଦନହୀନ ଆଜିର ସଂସାରରେ ସେ ଏକ ସ୍ୱତନ୍ତ୍ର ସତ୍ତା: ଜଣେ ସତ୍ୟକାରୀ ସାଧକ, ଯିଏ ନିଜର ବିଶାଳ ବୌଦ୍ଧିକ ଜ୍ଞାନକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିରେ ନୁହେଁ ବରଂ ନିଃସଂବଳଙ୍କ ଭଗ୍ନ ମନକୁ ନିରାମୟ କରିବାରେ ବିନିଯୋଗ କରନ୍ତି । ପ୍ରଫେସର ଡାକ୍ତର ନୀଳମାଧବ ରଥ କେବଳ ଜଣେ ମାନସିକ ରୋଗ ବିଶେଷଜ୍ଞ ନୁହନ୍ତି; ସେ ନିଷ୍ଠାର ନିଦର୍ଶନ, ସତ୍ୟର ସୁଚିକିତ୍ସକ ଓ ମାନବ ସମାଜ ପାଇଁ ଏକ ଅତୁଳନୀୟ ସମ୍ପଦ । ନିଶ୍ଚିତରେ ବସ୍ତୁବାଦୀ ଏହି ସମାଜରେ ନିର୍ଲୋଭ ପରୋପକାର କରୁଥିବା ଜଣେ ଆଦର୍ଶ ଡାକ୍ତରଙ୍କ ଉଜ୍ଜ୍ୱଳ ଉଦାହରଣ ।

♥ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

ନିର୍ବିକାର ପ୍ରଭାତ

# ସୁନାବେଶ ଦେଖା ଶେଷ



ରାତିରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବାକୁ ସେମାନେ ବାହାରି ପଡିଲେ । ରାତି ଅଧରେ ପ୍ରାୟତ କମ୍ ଭକ୍ତ ଥିବେ ଭାବି ନରେଶ କାର ଡ୍ରାଇଭ କରି ପୁରୀ ଅଭିମୁଖେ ଚାଲିଲା । ସାଥିରେ ଥିଲେ ସ୍ତ୍ରୀ ମନୀଷା, ଦୁଇ ପିଲାଙ୍କ ସହିତ ସାନବୋହୂ ଗୌରୀ । ଓଭରବ୍ରିଜ ପୂର୍ବରୁ ଗାଡିର ଷ୍ଟାର୍ଟ ବନ୍ଦ କରି ପାର୍କିଙ୍ଗ ଲାଇଟ୍ ଲଗାଇଲା ନରେଶ । ଗାଢ କିଟିକିଟି ଅନ୍ଧାର ଭିତରେ ଧଳା ରଙ୍ଗର ଛାୟାମୂର୍ତ୍ତିଟିଏ ଉଭାସିତ ହେଲା । ଦୂରରୁ ସେ ଅବିକଳ ରୋମା ମାଉସୀ ପରି ଭ୍ରମ ସୃଷ୍ଟି କରୁଥିଲା । ସେ ତ ମରିବାର ଅନେକ ବର୍ଷ ହେଲାଣି । ହଠାତ୍ ତାର ଅଶରୀରୀ ଆତ୍ମା ପ୍ରକଟିତ ହେଲା କାହିଁକି ? ଏ ବୋଧହୁଏ ମନର ଭ୍ରମ । ଭୂତ ପ୍ରେତ ଆତ୍ମା ପରମାତ୍ମାଙ୍କୁ ବିଶ୍ୱାସ କରୁନଥିବା ନରେଶ ନିଜ ମାଆର ସିଲହଟ୍ ଦେଖି ହଡବଡେଇ ଗଲା । ମନେ ପଡିଗଲା ତାର ପୁରୁଣା କଥା ।

ଶନିବାର ସକାଳୁ ସକାଳୁ ଚିତ୍କାର ଆରମ୍ଭ କଲା ରୋମା ମାଉସୀ । ଛାତି ଭିତରେ କିଏ ଗୋଟେ ସତେ ଯେମିତି ଶାବଳରେ ଖୋଳି ପକାଉଛି । ଅଶୀତିପରର ମଣିଷ ମାଉସୀ । ଘରେ କେହି ନଥାନ୍ତି । ବୋହୂ ଦେଢଶୁର ପାଖକୁ ଫୋନ କଲା, 'ବୋଉ, ଆଲୋ ବୋଉଲୋ, ବାପଲୋ କହି ରଡି ଛାଡୁଛନ୍ତି । ଜଲଦି ଆସ ।' ନରେଶ ବ୍ୟସ୍ତ ବିବ୍ରତ ହେଲା । ବାରମ୍ବାର ଶାଶୁଙ୍କ ଅମଙ୍ଗଳ ଚିନ୍ତା କରୁଥିବା ଗୌରୀ ଏବେ ରୋମା ମାଉସୀ ପାଇଁ ବିକଳ ହୋଇ ଦେଢଶୁରକୁ ଡାକୁଛି । ସ୍ୱାମୀ ତାର ମୂର୍ଖ କର୍ମକୋଢି ନିଶାଗ୍ରସ୍ତ ମଣିଷ । ବାହାରେ ରାଜମିସ୍ତ୍ରୀ କାମରେ ମୂଲ ଲାଗିବାକୁ ଯାଇଛି । ହେଲେ ମୋବାଇଲଟାକୁ ଘରେ ଛାଡି ନିର୍ମାଣ କାର୍ଯ୍ୟକୁ ସେ ଯାଇଛି । କାମ ନିଶାରେ ମୋବାଇଲ ହଜାଇ ଦେଇପାରେ, ସେହି ଭୟରେ ତାକୁ ଘରେ ଥୋଇଛି ।

କମ୍ପାନୀ ଚାକିରିଆ ବୋଲି ନରେଶର ଛୁଟି ନଥାଏ । ତଥାପି ସେ ଘରମୁହାଁ ହେଲା । ଘରେ ପହଞ୍ଚି ଶୁଣିଲା ବୋଉଲୋ ବୋପାଲୋ ଚିତ୍କାର କରୁଛି ବୋଉ । ରୋମା ମାଉସୀଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇ ଯାଇଥାଏ । ପାଖରେ ଡାକ୍ତରଖାନା । ସେଠାକୁ ନବାକୁ ପଡିବ । ଅଟୋ ଡକାଗଲା ।

ପ୍ରତିଦିନ ଶାଶୁକୁ ମରିଯା ମରିଯା କହି ଚିତ୍କାର ଛାଡୁଥିବା ବୋହୂ ଗୌରୀ ସ୍ୱାମୀ ବଦଳରେ ଦେଢଶୁର ହାତକୁ ରୋଗଣା ଶାଶୁଙ୍କୁ ଟେକିଦବା ଉଦ୍ଦେଶ୍ୟରେ ଫୋନ୍ କରିଥିଲା । ଅନେକ ସମୟରେ ସେ ବାହାର ଲୋକଙ୍କ ସାମ୍ନାରେ ଅଭିନୟ କରେ, -'ବୋଉ ! ଝାଡା ଲାଗିଲେ ଦୁଆରେ ବସିବ । ମୁଁ ପାଣି ଟେକିଦେବି ତମେ ଶୌଚ ହବ । ପରେ ମୁଁ ଫାଉଡାରେ ଅଗଣାରୁ ମଇଳା ପୋଛି ଫିଙ୍ଗି ଦେବି ।' ଶାଶୁଙ୍କ ଯତ୍ନ ବୋହୂଟି ଏମିତି ନଉଛି ଜାଣି ପଡୋଶୀ ମହିଳାମାନେ ଆଶ୍ଚର୍ଯ୍ୟ ହୁଅନ୍ତି । ଈର୍ଷାରେ ବି ଜଳନ୍ତି । ଆପଣା ଘରେ କୁହନ୍ତି, 'ଗୌରୀ ଭଳି ବୋହୂ ପାଇ ବୁଢୀ ଧନ୍ୟ ହୋଇଛି । ତା ଭଳି ସେବା ଆଜିକାଲିର କୋଉ ବୋହୂ ଭୁଆଷୁଣୀ କରିବ ? ଯୋଉ ଘରକୁ ଯୋଉ ବତା, ତାକୁ ଗଢିଛି ଦୈବ ବିଧାତା ।' ହେଲେ ପରେ ଯେବେ ଦ୍ୱାର ମୁହଁରେ ରୋମା ପରିସ୍ରା କି ମଳତ୍ୟାଗ କରନ୍ତି ଗୌରୀର ଅସଲ ଚେହେରା ବାହାରି ଆସେ ।

- 'ଏ ବୁଢୀ ଖଣ୍ଡକ ମରୁନି କି ତରୁନି । ଅଗଣାରେ ହଗି ମୂତି ମତେ ସଫା କରିବାକୁ ଛାଡି ଦଉଛି । ଆଲୋ ତୁ କୋଉଦିନ ମରିବୁ ? ମୋରି ନାଁରେ ଲେଖା ହୋଇଛି । ବୁଢା ମରିବାର ତ ବାରବର୍ଷ ହେଲାଣି । ତୁ ମରୁନୁ କାହିଁକି ? ତତେ ଟିକିଏ ବିଷ ଜହର ମିଳୁନି ? ତୁ ଖାଇ ମରନ୍ତୁ । ଯାଉନ୍ତୁ, ସେ ଦିଅଁଙ୍କ ପଡିଆକୁ । ଗୁଡ କୋଚିଲାମଞ୍ଜି ମିଶେଇ ଖାଇବୁ, ମରି ଶୋଇବୁ । ମୁଁ ଶାନ୍ତିରେ ରହିବି । ବାଡିପଡା ବୁଢାଟା ଗଲା, ହେଲେ ଏ ପୋଚରୀ ବୁଢି ଖଣ୍ଡକୁ ନେଇଥାନ୍ତା ଭଲା ।'

ରୋମାଙ୍କୁ କିଛି ଶୁଣାଯାଏ ନାହିଁ ବୋଲି ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । ଗୌରୀ ଦେଢଶୁର ସାମ୍ନାରେ କି ପଡିଶା ଲୋକଙ୍କ ଆଗରେ ଭଲ ବୋହୂର ଅଭିନୟ ବେଶ୍ କରିପାରେ । ନରେଶ ସରଳ ମଣିଷ । ସେ ବୁଝି ପାରେନାହିଁ ଘର ବୋହୂର ଦୋହରା ଆଚରଣ । ସେ ଭାବେ ସେ ଔଷଧପତ୍ର, ଚିକିତ୍ସା ସବୁ ଯୋଗାଇ ଦେଇଛି । ଭାଇବୋହୂ ସେବା ଶୁଶ୍ରୂଷାରେ ବୋଉର ସମୟ ଚାଲିଯିବ । ହେଲେ ହଠାତ୍ ତାଙ୍କର ଏ ପ୍ରକାର ହୃଦୟ ବିଦାରକ ଯନ୍ତ୍ରଣା ଦେଖି ପାଖ ମେଡିକାଲକୁ ନେବାକୁ ସେ ବାହାରିଲା । ରୋମା ମାଉସୀ ମୋଟା, ଓଜନ ଅଧିକ । ଆମ୍ବୁଲାନ୍ସ ଥିଲେ ଷ୍ଟ୍ରେଚରରେ ଘରୁ ବାହାରକୁ ନବାକୁ ସୁବିଧାଜନକ ହୋଇଥାନ୍ତା । ଅଥଚ ଅଟୋବାଲା ସହଯୋଗ କରିବାରୁ ରୋମା ମାଉସୀ ଘରୁ ଚାଲି ଚାଲି ଆସି ଅଟୋରେ ବସିଲେ । ଘର ପାଖରେ ଡାକ୍ତରଖାନା । ଅନେକ କର୍ମଚାରୀ ନରେଶର ପରିଚିତ । ହେଲେ ସେଠାକୁ ଡାକ୍ତରମାନେ ପାଳି କରି ଆସନ୍ତି । ଜଣେ ଡାକ୍ତର ଦୁଇଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ପରାମର୍ଶ ଦେଇଥାନ୍ତି । ଲମ୍ବା ଧାଡି ଭିତରେ ଯୁବଡାକ୍ତର ଜଣେ ଜିଲ୍ଲା ହାସପାତାଳକୁ ରେଫର କରିଦେଲେ । କାହାଠାରୁ ଖବର ଶୁଣି ସାନଟୋକା ଆସିଲା । ତା ସ୍ତ୍ରୀ ଗୌରୀ ଲୋକମାନଙ୍କୁ ଆଉ କର୍ମଚାରୀଙ୍କୁ ଦେଖି କାନ୍ଦବୋବାଳି ଛାଡିଲା । ସେ ଜାଣେ ରୋମା ମଲା ପରେ ମାଆ ବାହାନାରେ ପାରିବାରିକ ଖର୍ଚ୍ଚ ବହନ କରୁଥିବା ଦେଢଶୁର ଆଉ ଘର ଚଳିବାକୁ ହାତ ଖୋଲିବେନି । ଗୌରୀ ଡକାପାରି କାନ୍ଦି ପରିବେଶ କୋଳାହଳ କରିବାରୁ ସଫେଇ କର୍ମଚାରୀଟେ ସାନ୍ତ୍ୱନା ଦେଲା । ଗୌରୀ ତୁନି ହେଲା । 'ଚୀନର ଦୁଃଖ ହୋୟାଂହୋ' ପରି ଜିଲ୍ଲା ମେଡିକାଲ ପୂର୍ବରୁ ମ୍ୟାନଡ୍ ଲେଭେଲ କ୍ରସିଙ୍ଗ ଥିଲା ରେଫରାଲ ପେସେଣ୍ଟଙ୍କ ପାଇଁ ବିରାଟ ଦୁଃଖ ସଦୃଶ । ଯେତେ ଇମର୍ଜେନ୍ସୀ ପେସେଣ୍ଟ ଥିଲେ ବି ପର୍ଯ୍ୟଟନ ଗାଡି ସହିତ ଆମ୍ବୁଲାନ୍ସ ମଧ୍ୟ ସେଠାରେ ଅଟକି ରହୁଥିଲେ ରେଳଗାଡ଼ି ପାର ହେବା ପର୍ଯ୍ୟନ୍ତ । ରୋମା ମାଉସୀଙ୍କ ଆମ୍ବୁଲାନ୍ସ ଅଟକି ରହିଲା ରେଳଫାଟକ ପାଖରେ । ତାଙ୍କ ପାଟିରେ ଅକ୍ସିଜେନ ଲାଗିଥାଏ । ଏଇ କିଛି ମୁହୂର୍ତ୍ତରେ କଣ ଗୋଟେ ଅଘଟଣ ହୋଇପାରେ । ମାଉସୀଙ୍କ ଚିକିତ୍ସା ଆରମ୍ଭ ହେବ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ । ସେଠାରେ ଟିକେଟ କାଟି ଡାକ୍ତରଙ୍କୁ ଦେଖାଇବାକୁ ପଡିବ । ଡାକ୍ତର ଚେକ୍ କରି ପ୍ରେସକ୍ରିପସନ ଲେଖିଲେ ଔଷଧ ଦିଆଯିବ ।

ଗାଡି ପାଞ୍ଚ ମିନିଟ ହେଲା ଅପେକ୍ଷାରତ । ପାଞ୍ଚରୁ ପଚିଶ ମିନିଟ ଲାଗିଯିବା ପରେ ଆଉ ଗୋଟିଏ ଟ୍ରେନ କ୍ରସ୍ କରିବାର ସଙ୍କେତ ଆସିଲା । ଲିଫ୍ଟିଙ୍ଗ୍ ବାରିୟର ବୁମଟି ସେମିତି ପଡିଥିଲା ଜନ ସାଧାରଣଙ୍କ ନିରାପଦ ପାଇଁ । କିଛି ଅମାନିଆ ମଣିଷ ବାରିୟର ବୁମ୍ ତଳେ ନଇଁ ନଇଁ ପଶି ଟ୍ରାକ୍ ପାସ୍ କରୁଥିଲେ । ନରେଶ ବ୍ୟସ୍ତ ବିବ୍ରତ ହୋଇ କୌଣସି ଏକ ଗଳାବାଟ ଖୋଜୁଥିଲା । କିଛି ସମୟ ପରେ ଲିଫ୍ଟିଙ୍ଗ୍ ବାରିୟର ଉପରକୁ ଉଠିଲା । ଆମ୍ବୁଲାନ୍ସଟିକୁ ଲୋକେ ଆଗୁଆ ଛାଡିଦେଲେ । ସାଇରନ ବଜାଇ ମେଡିକାଲରେ ପହଞ୍ଚିଲା ବେଳକୁ ରୋମା ମାଉସୀଙ୍କ ଦେହାନ୍ତ ହୋଇ ସାରିଥିଲା । ନରେଶ ସମସ୍ତଙ୍କ ଅଗୋଚରରେ ଆଖିରୁ ଲୁହ ପୋଛିଲା ।

ପିଲାମାନେ ପାସ୍ ବସିବା ପରେ ନରେଶ ଗାଡି ଷ୍ଟାର୍ଟ କଲା । ଉଜ୍ଜ୍ୱଳ ଆଲୋକର ପିଚୁ ରାସ୍ତା ପରିଷ୍କାର ଦିଶିଲା ହେଲେ ସେ ଛାୟାମୂର୍ତ୍ତିଟି ସାମ୍ନାରୁ ଉଭାନ ହୋଇ ଯାଇଥିଲା ।

ଯେଉଁ ଲେଭେଲ କ୍ରସିଙ୍ଗର ଅଯଥା ରହଣିରେ ନରେଶ ବୋଉ ଚାଲି ଯାଇଥିଲେ, ସେହି କ୍ରସିଙ୍ଗ ଉପରେ ଓଭର ବ୍ରିଜ ହୋଇ ଲୋକମାନଙ୍କ ଯିବା ଆସିବାର ସୁଗମ ହୋଇ ସାରିଛି । ଯେଉଁ ଭିଡ ଗହଳକୁ ନରେଶ ଭୟ କରୁଥିଲା ସେହି ଜନ ସୁନାମି ଭିତରେ ପ୍ରଭୁଙ୍କ ଆଶୀର୍ବାଦ



ସଭିଏ ଲଭିଲେ ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଦର୍ଶନ କରି ପରିବାରବର୍ଗ ଆନନ୍ଦିତ ହୋଇଥିଲେ । ଅଥଚ ନରେଶ ମନରେ ସୁଖ ନଥିଲା । ଅବଢା ମୁଠାଏ ଖାଇବାକୁ ମନ କରିଥିବା ବୋଉ ଶେଷରେ ମହାପ୍ରସାଦ କି ମାହାର୍ଦ୍ଦ ଟିକେ ନପାଇ ଆମ୍ବୁଲାନ୍ସ ଭିତରେ ଚାଲିଗଲା ।

ରାତି ଶେଷ ହେବା ଆଗରୁ ଫେରିବାକୁ ସେମାନେ ବାହାରି ପଡିଲେ । ନରେଶ ପାଖରେ ମନୀଷା ଓ ପଛ ସିଟ୍ ଅକ୍ତିଆର କରିଥିଲେ ଦୁଇ ପିଲାଙ୍କ ସହିତ ଗୌରୀ ।

ବେଳେବେଳେ ବାନ୍ତି ଉଠାଇଲେ ଗୌରୀ ମୁହଁ ବାହାର କରି ଛେପ କାଢିବାକୁ ଡୋର ଲୁଜ୍ ରଖିଥିଲା । ନରେଶ ଜାଣି ପାରିନଥିଲା । ଓଭରବ୍ରିଜ୍ କ୍ରସ୍ କରି ଆଗକୁ ଛୁଟୁଥିବା ସମୟରେ ହରିଣଟିଏ ରାସ୍ତା ଅତିକ୍ରମ କରିବାକୁ ଆସି କାରରେ ମାଡ ହେଲା । ନରେଶ ଗାଡ଼ିଟା ଭାରସାମ୍ୟ ହରାଇ ଗୋଟିଏ ଝାଉଁଗଛରେ ପିଟି ହୋଇଗଲା । ଗୌରୀ ଗାଡ଼ିରୁ ଛିଟିକି ପଡିଲା । ମନୀଷା ସହିତ ପିଲା ଦୁହେଁ କୌଣସି ଆଘାତ ପାଇ ନଥିଲେ । କିନ୍ତୁ ମୁଣ୍ଡରେ ସାମାନ୍ୟ ଆଘାତପ୍ରାପ୍ତ ହୋଇଥିଲା ନରେଶ । ଲୋକ ଜମା ହୋଇଗଲେ । ଟର୍ଚ୍ଚ ଓ ମୋବାଇଲ ଲାଇଟରେ ସେମାନେ ପରିସ୍ଥିତିର ଅନୁଧ୍ୟାନ କରିବା ବେଳେ ଜଣେ କିଏ କହିଲା, 'ମାଡାମ ମୋକ୍ଷ ପାଇଗଲେ ।' ନରେଶ କହିଲା, -'ବୋଉ ଗୌରୀକୁ ଭଲ ପାଉଥିବାରୁ ବୋଧହୁଏ ତାକୁ ପାଖକୁ ନେଇଗଲା... ।' ଠିକ୍ ସେହି ସମୟରେ ସାଇରନ ଦେଇ ଓଭରବ୍ରିଜ ଆଡୁ ଆମ୍ବୁଲାନ୍ସଟେ ମାଡି ଆସୁଥିଲା ।

♥ ହାପିକଲୋନୀ, ଗୋପ, ପୁରୀ
ମୋ : ୭୯୭୮୬୩୫୨୭୬

# ମୟୂରଭଞ୍ଜ ପ୍ରତିଭାଙ୍କ କୃତିତ୍ୱ: ଏନ୍.ପି.ସି.ଆଇ.ଏଲ୍.ରେ ଯୁବ ବୈଜ୍ଞାନିକ ଭାବେ ଚର୍ଚ୍ଚିତଙ୍କ ଯୋଗଦାନ

ବାରିପଦା, ୨୨/୮ (ନି.ପ୍ର): ଖଡ଼ଗପୁର ଆଇ.ଆଇ.ଟି.ରେ ଅଧ୍ୟୟନରତ ଥିବା ବାରିପଦାର ଯୁବପ୍ରତିଭା ଚର୍ଚ୍ଚିତ କବି ଶତପଥୀ ଏକ କଠିନ ସମ୍ମାନଜନକ ସର୍ବଭାରତୀୟ ପ୍ରତିଦ୍ୱନ୍ଦିତାରେ ସାଫଲ୍ୟଲବ୍ଧ ହୋଇ ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ଅଧୀନସ୍ଥ 'ନ୍ୟୁକ୍ଲିଅର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ' (ଏନ୍.ପି.ସି.ଆଇ.ଏଲ୍.) ରେ ଯୁବ ବୈଜ୍ଞାନିକ (ଗ୍ରୁପ୍-ଏ) ଭାବେ ଯୋଗଦାନ କରିଥିବା ସୂଚନା ମିଳିଛି। ସେ ଏହି ଗୌରବ ହାସଲ କରିବାରେ ସମଗ୍ର ଦେଶର ମାତ୍ର ଅଢ଼ଚାଳିଶ ଜଣ ପ୍ରତିଭାଧର ଯୁବ ବୈଜ୍ଞାନିକଙ୍କ ମଧ୍ୟରୁ ଅନ୍ୟତମ ବୋଲି ଜଣାଯାଇଛି। ଶ୍ରୀ ଶତପଥୀ କେନ୍ଦ୍ରୀୟ ବିଦ୍ୟାଳୟରୁ କୃତିତ୍ୱର ସହ ଦଶମ ଓ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ବୁର୍ଲା 'ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ରୁ ବି.ଟେକ୍. କରି 'ଗେଟ୍'ରେ ସଫଳତା ହାସଲ କରି ଆଇ.ଆଇ.ଟି. ଖଡ଼ଗପୁର ପୁରରେ ଏମ୍.ଟେକ୍. ଶ୍ରଣୀରେ ଅଧ୍ୟୟନରତ ଥିଲେ।



ଏଥିପୂର୍ବରୁ ସେ ବି.ଟେକ୍. ଶେଷ ବର୍ଷରେ ଥିବା ବେଳେ ହିଁ ସୁପ୍ରତିଷ୍ଠିତ କମ୍ପାନୀ ଡ୍ରେଲୟେଟ୍‌ରେ ଭଲ ପଦରେ ଅଧିଷ୍ଠିତ ହୋଇ ଚାକିରି କରିବାର ସୁଯୋଗ ପାଇଥିଲେ। ବି.ଟେକ୍. ଶେଷ ପରେ ସେଥିରେ କିଛି କାଳ ଚାକିରି କରିଥିଲେ ହେଁ ବୃହତ୍ତର ଲକ୍ଷ୍ୟ ନେଇ ସେଥିରୁ (ପ୍ରଥମେ ହାଇଦ୍ରାବାଦ ଓ ପରେ କଲିକତାରେ ଅବସ୍ଥାପିତ ହେଇ) ଇସ୍ତଫା ଦେଇଥିଲେ। ପିତା ସୁଲେଖକ ସୁବକ୍ତା ତଥା ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଏବଂ ମାତା ଅଧ୍ୟାପିକା ଡକ୍ଟର ହିରଣ୍ମୟୀ ଶତପଥୀଙ୍କ ଜ୍ୟେଷ୍ଠ ପୁତ୍ର ଚର୍ଚ୍ଚିତ ସମ୍ପ୍ରତି ଗୁଜୁରାଟର ସୁରତ ନିକଟରେ ଏନ୍.ପି.ସି.ଆଇ. ଏଲ୍.ର ଜଣେ 'କାର୍ଯ୍ୟନିର୍ବାହୀ ଶିକ୍ଷା-ନବୀଶ' ଭାବେ କାର୍ଯ୍ୟାରମ୍ଭ କରିଛନ୍ତି ଏବଂ ସେଠାରେ ଏଗାର ମାସର ବୌଦ୍ଧିକ/ପ୍ରାଶାସନିକ ପ୍ରଶିକ୍ଷଣ ପରେ 'ବୈଜ୍ଞାନିକ ଅଧିକାରୀ' ଭାବେ ଦାୟିତ୍ୱ ତୁଲାଇବେ ବୋଲି ଖବର ମିଳିଛି। ଚର୍ଚ୍ଚିତଙ୍କ ଏହି ଉପଲବ୍ଧିରେ ଏ ଜିଲ୍ଲାର ଶିକ୍ଷାପ୍ରେମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି ଏବଂ ଏହା ଜିଲ୍ଲା ତଥା ରାଜ୍ୟର ବିଜ୍ଞାନ-ଆକାଂକ୍ଷୀ ତରୁଣଙ୍କ ପାଇଁ ଆଶା-ଉତ୍ସାହ-ସଂଚାରକାରୀ ହେବ ବୋଲି ମତ ପ୍ରକାଶ ପାଇଛି।

# କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା ଅଧିନିୟମ ୨୦୧୩ ଜିଲ୍ଲାସ୍ତରୀୟ କର୍ମଶାଳା

ଖୋର୍ଦ୍ଧା, ୨୨/୮ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଯୌନ ନିର୍ଯ୍ୟାତନା (ନିବାରଣ, ପ୍ରତିଷେଧ ଏବଂ ପ୍ରତିକାର) ଅଧି ନିୟମ ୨୦୧୩ ଜନିତ ଜିଲ୍ଲା ସ୍ତରୀୟ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଅତିଥି ବିଷୟ ବିଶେଷଜ୍ଞ ଶ୍ରୀମତୀ କସ୍ତୁରୀ ମହାପାତ୍ର, ଆଭ୍ୟନ୍ତରୀଣ କମିଟି ଅଧ୍ୟକ୍ଷା ନିବେଦିତା ପରିଡ଼ା, ଆଞ୍ଚଳିକ କମିଟି ଅଧ୍ୟକ୍ଷା ମଞ୍ଜୁ ପ୍ରଭା ଧଳ ପ୍ରମୁଖ ଯୋଗ ଦେଇ କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ପ୍ରତିଷେଧ ଏବଂ ଆଭ୍ୟନ୍ତରୀଣ କମିଟି ଓ ଆଞ୍ଚଳିକ କମିଟିର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବେ ତାଲିମ୍ ପ୍ରଦାନ




କରିଥିଲେ । ବୈଠକରେ ଅଧ୍ୟକ୍ଷ ଏଭଳି ଅଭିଯୋଗ ଗୁଡିକର ଚିହ୍ନଟ, ଯାଞ୍ଚ, ଶୁଣାଣି ଓ ସମାଧାନ ଓଡ଼ିଶା ସରକାରଙ୍କ ସେବା ଅଧିନିୟମ ଓ ସାମ୍ବିଧାନିକ ସେବା ୨୦୧୩ ଅଧିନିୟମ ଅନୁଯାୟୀ ସମାଧାନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ମଣିଷ ଆତ୍ମ ସମ୍ମାନର ସହ ବଞ୍ଚିବାର ସାମ୍ବିଧାନିକ ଅଧିକାର ପ୍ରଦାନ କରିଛି । ସମୟ ସହିତ ଆମେ ସମସ୍ତେ ଚାଲିବା ସହ ଆଇନକୁ ମାନିବା ଆମ ସମସ୍ତଙ୍କ ଦାୟିତ୍ୱ ସହ ମୋ ଘର ଯେମିତି ସେମିତି ମୋ ଅଫିସକୁ ମଧ୍ୟ ସମ୍ମାନ ଦେଇ ସେବାକରିବା ଆମ ସମସ୍ତଙ୍କ ପ୍ରମୁଖ ଦାୟିତ୍ୱ ବୋଲି ଅତିଥି ବିଶେଷଜ୍ଞ କସ୍ତୁରୀ ମହାପାତ୍ର ପ୍ରକାଶ କରିଥିଲେ । ଏଥି ସହ ପ୍ରତ୍ୟେକ କାର୍ଯ୍ୟାଳୟ ମହିଳା ମାନଙ୍କ ସୁରକ୍ଷା ପାଇଁ ନିଜ କାର୍ଯ୍ୟାଳୟରେ କମିଟି ଗଠନ କରିବା, ଏଭଳି ସ୍ପର୍ଶ କାତର ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ନିର୍ଦ୍ଦେଶ ଦେଇଥିଲେ। ବିଷୟ ବିଶାରଦ ମାନେ ଅଧିନିୟମ ୨୦୧୩ ର ବିଭିନ୍ନ ଦିଗ ଉପରେ ଆଭ୍ୟନ୍ତରୀଣ କମିଟି, ଆଞ୍ଚଳିକ କମିଟି,ପୁଲିସ ସେବା, ଜିଲ୍ଲା ପ୍ରଶାସନ ସେବା ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ତାଲିମ୍ ପ୍ରଦାନ କରିବା ସହ ଅଧିକାରୀ ମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ପ୍ରଦାନ କରିଥିଲେ। ବୈଠକରେ ଡେପୁଟୀ କଲେକ୍ଟର, ସଂଗ୍ରାମ ଜେନା, ଅନନ୍ୟା ସୃଷ୍ଟି ଶତପଥୀ, ଶ୍ରିତପା ମିଶ୍ର, ସାରା ମଲ୍ଲିକ, ସୌମ୍ୟା ସାଗାରିକା ସ୍ୱାଇଁ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

## ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା କେନ୍ଦ୍ରାପଡ଼ା ତରଫରୁ ଶୋକସଭା

କେନ୍ଦ୍ରାପଡ଼ା, ୨୨/୮ (ନି.ପ୍ର): ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା କେନ୍ଦ୍ରାପଡ଼ା ତରଫରୁ ଏକ ଶୋକ ସଭା ଦିବଂଗତ ବ୍ରହ୍ମାନନ୍ଦ ବେହେରା, ସମ୍ପାଦକ ଲକ୍ଷ୍ମୀମନ୍ଦିର କମିଟିଙ୍କ ମହାପ୍ରୟାଣରେ କୈବର୍ତ୍ତ ଭବନ କେନ୍ଦ୍ରାପଡ଼ା ଠାରେ ଆଜି ଅପରାହ୍ନ ୫ ଘଟିକା ସମୟରେ କେନ୍ଦ୍ରାପଡ଼ା କୈବର୍ତ୍ତ ମହାସଭାର କାର୍ଯ୍ୟକାରୀ ସଭାପତି ରାଜକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ଡ଼ଃ ଦେବେନ୍ଦ୍ର ବେହେରା, ଉପ ସଭାପତି ଇଂ. ବିଷ୍ଣୁଚରଣ ବେହେରା, ସମାଜସେବୀ ଗଣେଶ ମେକାପ, କେନ୍ଦ୍ରାପଡ଼ା ଶାଖା ସଭାପତି ରଂଜନ କୁମାର ବେହେରା, ସମ୍ପାଦକ ନାରାୟଣ ବେହେରା, ଉପ ସଭାପତି ଆଡ଼ଭୋକେଟ ମହେନ୍ଦ୍ର ବେହେରା କୋଷାଧ୍ୟକ୍ଷ କ୍ଷୀରୋଦ ବେହେରା, ବାଇଆ ବେହେରା, ସ୍ମୃତିରଞ୍ଜନ ମହାପାତ୍ର, ନିରଞ୍ଜନ ପରିଡ଼ା ପ୍ରଭୃତି ଦିବଂଗତ ବ୍ରହ୍ମାନନ୍ଦଙ୍କ ସ୍ମୃତିଚାରଣ କରି ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ।

# ବନ୍ୟା ପୀଡ଼ିତଙ୍କ ପାଖରେ 'ଆଶାର ଆଲୋକ': ବିପଦରେ ସାଥୀ ହେଲା ଆଶା ସ୍ୱେଚ୍ଛାସେବୀ ସଂଗଠନ

## ୧୫୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ବସ୍ତା, ୨୨/୮ (ନି.ପ୍ର): ବନ୍ୟାରେ ଜୀବନ ଦୁର୍ବିଷହ ହୋଇପଡ଼ିଥିବା ପରିବାରଙ୍କ ଦୁଃଖରେ ସାଥୀ ହୋଇ ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି ଆଶା ସ୍ୱେଚ୍ଛାସେବୀ ସଂଗଠନ। ସଂଗଠନର "ଆଶାର ଆଲୋକ" ମାନବିକ ପ୍ରୟାସ ଅଧୀନରେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଦମାନସିଂହ ଗ୍ରାମ ପଞ୍ଚାୟତର ଚଡ଼ ଓ ଗୁନାପୁର ଗ୍ରାମର ପ୍ରାୟ ୧୫୦ ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି ।ବିପଦ ସମୟରେ ଅସହାୟ ପରିବାରଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢ଼ାଇବା ସହିତ ସଂଗଠନ ପକ୍ଷରୁ "ବିପଦରେ ସାଥୀ, ସେବାରେ ଆଶା" ବାର୍ତ୍ତାକୁ ସାକାର କରାଯାଇଛି ।ଏହି ମାନବିକ ପ୍ରୟାସ ପଛରେ ପ୍ରେରଣା ଓ ପରିକଳ୍ପନା ରହିଛି ଡକ୍ଟର ଅମର କୁମାର ପାଳ, ସମ୍ପାଦକ, ଆଶା ସ୍ୱେଚ୍ଛାସେବୀ ସଂଗଠନଙ୍କର। ସଂଗଠନର




ସ୍ୱେଚ୍ଛାସେବୀ, ଭାଇ ଓ ଭଉଣୀମାନଙ୍କର ନିସ୍ୱାର୍ଥ ସହଯୋଗ ଓ ସମର୍ପଣ ଯୋଗୁଁ ଏହି ଅଭିଯାନ ସଫଳ ହୋଇପାରିଛି। "ଆଶାର ଆଲୋକ" କେବଳ ଏକ ସହାୟତା ଅଭିଯାନ ନୁହେଁ; ଏହା ଅସହାୟ ମଣିଷଙ୍କ ଜୀବନରେ ଆଶା, ସମ୍ମାନ ଓ ମାନବିକତାର ଆଲୋକ ଜଳାଇବାର ଏକ ପ୍ରତିବଦ୍ଧ ପ୍ରୟାସ ସଫଳତାର ପଛରେ ଆଶା ପରିବାରର ସମୂହ ପ୍ରୟାସ ।ଏହି ମାନବିକ ଅଭିଯାନକୁ ସଫଳ ଓ ସ୍ମରଣୀୟ କରିବାରେ ଯେଉଁ ସମସ୍ତ ସହଯୋଗୀ ଓ ସପୋର୍ଟ ଷ୍ଟାଫ୍ ନିଜର ମୂଲ୍ୟବାନ ସମୟ, ଶ୍ରମ, ସମର୍ପଣ ଓ ନିସ୍ୱାର୍ଥ ସେବା ଦେଇଛନ୍ତି, ଆଶା ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଜଣାଉଛି ।ବିଶେଷ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଉଛି:ଡକ୍ଟର ଅମର କୁମାର ପାଳ, ମଞ୍ଜୁବତୀ ବିଶ୍ୱାଳ, ସନ୍ଧ୍ୟାରାଣୀ ବିଶ୍ୱାଳ, ରାଜେଶ ସାହୁ, ରାଜସ୍ମିତା ଦଳାଇ, ଏଲିନା ଏଲିଶା ପାଳ, ଶମ୍ଭୁନାଥ ଜେନା, ସୁମନା ପରିଡ଼ା, ପଞ୍ଚାନନ ବେହେରା, ପଞ୍ଚାନନ ମହାନ୍ତି, ଅଜୟ କୁମାର ଦଳାଇ, ଏ.ଏମ୍. ପ୍ରଜ୍ଞା ପ୍ରକାଶ ପାଳ, ବିକାଶ ଜେନା, ଅଶୋକ କୁମାର ବେହେରା, ଅଶୋକ କୁମାର ସେନାପତି,ଏନ୍.ଏସ୍. ଚିରଞ୍ଜୀବ ଜେନା ଏବଂ ସୁମିତା ରାଣୀ ଜେନା ।ସେମାନଙ୍କର ଏକତା, ସମନ୍ୱୟ, ପରିଶ୍ରମ ଓ ସେବାଭାବ ହିଁ "ଆଶାର ଆଲୋକ"କୁ ସଫଳତାର ଆଲୋକରେ ଉଜ୍ଜ୍ୱଳ କରିଛି। ଏହି ସଫଳତା କେବଳ ଜଣେ ବ୍ୟକ୍ତିଙ୍କର ନୁହେଁ; ଏହା ସମଗ୍ର ଆଶା ପରିବାରର ସମୂହ ସମର୍ପଣର ଫଳ। "ଆଶାର ଆଲୋକ" — ଏକ ନୂଆ ସ୍ୱପ୍ନର ଆରମ୍ଭ "ଆଶାର ଆଲୋକ" କେବଳ ଖାଦ୍ୟ କିମ୍ବା ସାମଗ୍ରୀ ବଣ୍ଟନରେ ସୀମିତ ନୁହେଁ। ଅସହାୟ ମଣିଷଙ୍କ ଯନ୍ତ୍ରଣାକୁ ଚିହ୍ନଟ କରିବା, ସେମାନଙ୍କ ପାଖରେ ଠିଆ ହେବା ଏବଂ ତାଙ୍କ ଜୀବନରେ ପୁଣିଥରେ ଆଶାର ଆଲୋକ ଜଳାଇବା ଏହି ପ୍ରୟାସର ମୂଳ ଲକ୍ଷ୍ୟ ।ସଂଗଠନ ପକ୍ଷରୁ ଆଗାମୀ ଦିନରେ ଆହୁରି ଆବଶ୍ୟକତାବାନ, ନିରାଶ୍ରୟ ଓ ଅସହାୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସମ୍ଭବ ସହାୟତା ପହଞ୍ଚାଇବା ଏବଂ ସମାଜର ସମ୍ବେଦନଶୀଳ ଲୋକମାନଙ୍କୁ ଏହି ମାନବିକ ଅଭିଯାନ ସହ ଯୋଡ଼ିବା ପାଇଁ ଆହ୍ୱାନ ଦିଆଯାଇଛି ।ଆଶାର ଆଲୋକ "ଦାନ ନୁହେଁ, ଏକ ନୂଆ ଆଶା ।"ଆଶା ସ୍ୱେଚ୍ଛାସେବୀ ସଂଗଠନର ଏହି ନୂଆ ପ୍ରୟାସ ଆଗାମୀ ଦିନରେ ଅନେକ ଅସହାୟ ଜୀବନରେ ଆଶାର ଆଲୋକ ଜଳାଇବାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହେଉ—ଏହା ହିଁ ଏହି ମାନବିକ ଯାତ୍ରାର ଲକ୍ଷ୍ୟ।

# ବାଲେଶ୍ୱର ଆଇନଜୀବି କଲେଜରେ ଆଲୁମ୍ନି ସଂଘର ପ୍ରଶାନ୍ତ ଚାନ୍ଦଙ୍କ ଶୋକସଭା ପାଳନ

ବାଲେଶ୍ୱର, ୨୨/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଆଇନ ଜୀବି କଲେଜ ଆଲୁମେନି ସଂଘର ଟାଉନହଲ ନିକଟରେ ନୃତ୍ୟ ସଙ୍ଗୀତ କଳା ମନ୍ଦିର ର ସଭାପତି ବରିଷ୍ଠ ଆଇନ ଜୀବି ବୈଲୋଚନ ଦାସ ଙ୍କ ସଭାପତିତ୍ୱରେ ପ୍ରଶାନ୍ତ ଚାନ୍ଦଙ୍କ ଶୋକ ସଭା ପାଳନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଭଗବାନ ଚନ୍ଦ୍ର ଖଣ୍ଡେଲ ୱାଲ୍ , ଆଇନ ଜୀବି ତପନ କୁମାର ପତି, ରାଇମନ ପଟ୍ଟନାୟକ , ବିଭୂପଦ ଦାସ ମଞ୍ଚରେ ଉପସ୍ଥିତ ଥିଲେ। ସେହିପରି ଆଲୁମେନୀ ସଂଘର ଆଇନ ଜୀବି ବୀରେନ୍ଦ୍ର କୁମାର ସେନାପତି, ସୁବାସ ମାସନ୍ତ , ପ୍ରତ୍ୟୁଷ କୁମାର ଘୋଷ, ଅଞ୍ଜନ କୁମାର ଚାନ୍ଦ, ତାପସ କୁମାର ସାହୁ, ଅବନୀ କୁମାର ଦାସ, ପର୍ଶୁରାମ ପ୍ରଧାନ, ଗୌର ଚନ୍ଦ୍ର ବାରିକ, ସୂର୍ଯ୍ୟ କାନ୍ତ କର, ରବୀନ୍ଦ୍ର ସୋ, ଚକ୍ରଧର ମହାନ୍ତି, ସୁମନ୍ତ ମହାପାତ୍ର , ଲକ୍ଷ୍ମୀ ନାରାୟଣ ଘୋଷ ପ୍ରମୁଖ ଆଲୁମେନି ସଂଘର ସଭ୍ୟ ସଭ୍ୟା ମାନେ ଶୋକ ସଭା ରେ




ଉପସ୍ଥିତ ଥିଲେ। ଆଲୁମେନି ସଂଘର ସମସ୍ତ ସଭ୍ୟ ସଭ୍ୟା ପ୍ରଶାନ୍ତ ଚାନ୍ଦ ଙ୍କୁ ଫୁଲ ପ୍ରଦାନ କରିବା ସଙ୍ଗେ ସଙ୍ଗେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ମୁଖ୍ୟ ଅତିଥି ଭଗବାନ ଚନ୍ଦ୍ର ଖଣ୍ଡେଲ୍ ୱାଲ୍ ପ୍ରଶାନ୍ତ ଚାନ୍ଦ ଜୀବନୀ ଅତିବାହିତ କାର୍ଯ୍ୟ କଳାପ ଓ ବାଲେଶ୍ୱର କେଉଁ କେଉଁ କାର୍ଯ୍ୟ ପାଇଁ ପ୍ରଶାନ୍ତ ଚାନ୍ଦ ଛାପା ଛାଡ଼ି ଯାଇଛନ୍ତି ସେ ସବୁ ବିଷୟରେ ଆଲୋକ ପାତ କରିଥିଲେ। ବାଲେଶ୍ୱର ଆଗକୁ ଯିବାର ବାଟ ପଥ ପ୍ରଦର୍ଶକ ଥିଲେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ ସେହିପରି ଆଲୁମେନି ସଂଘର ସମସ୍ତ ଆଇନ ଜୀବି ସଭ୍ୟ ସଭ୍ୟା ପ୍ରଶାନ୍ତ ଚାନ୍ଦ ଜୀବନୀ ବିଷୟରେ ଆଲୋକ ପାତ କରିବା ସଙ୍ଗେ ସଙ୍ଗେ ତାଙ୍କର ଆମର ଆତ୍ମା ସତ୍ ଗତି ହେଉ ବୋଲି କହିଥିଲେ। ଏହି କାର୍ଯ୍ୟ କ୍ରମକୁ ଆଲୁମେନି ସଂଘର ସମସ୍ତ ସଭ୍ୟ ସଭ୍ୟା ପରିଚାଳନରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ଦେ ମାତରମ୍‌କୁ ନେଇ...

'ବନ୍ଦେ ମାତରମ୍'ର ଇତିହାସ ଓ ଜାତୀୟ ଗୁରୁତ୍ୱକୁ ନେଇ ଯୁବପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରିବ ବିଜେପି । ଦଳୀୟ କର୍ମୀଙ୍କ ମାଧ୍ୟମରେ ଦେଶବ୍ୟାପୀ ଅଭିଯାନ କରାଯିବ । ସମ୍ପୂର୍ଣ୍ଣ ୬ ପଦ ବିଶିଷ୍ଟ 'ବନ୍ଦେ ମାତରମ୍'ର ଇତିହାସ, ଅର୍ଥ ଓ ସ୍ୱାଧୀନତା ସଂଗ୍ରାମ ସହ ଏହାର ସମ୍ପର୍କ ବିଷୟରେ ଲୋକଙ୍କୁ ଅବଗତ କରାଯିବ ବୋଲି ଦଳ କହିଛି । ରାଜନୈତିକ ସୁବିଧା କିମ୍ବା ଭୋଟ୍‌ବ୍ୟାଙ୍କ ରାଜନୀତି ପାଇଁ 'ବନ୍ଦେ ମାତରମ୍'ର ସମ୍ମାନ ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ବିଜେପି ସ୍ପଷ୍ଟ କରିଛି । ଏହାକୁ ଦେଶର ସମ୍ମାନ ଓ ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସହ ଜଡ଼ିତ ପ୍ରସଙ୍ଗ ବୋଲି ଦଳ ଦର୍ଶାଇଛି । ବିଜେପି ଅଧ୍ୟକ୍ଷ କହିଛନ୍ତି, ୧୯୪୭ରେ ଦେଶର ସ୍ୱାଧୀନତା ସମୟର ଜୟଘୋଷ 'ବନ୍ଦେ ମାତରମ୍' ଥିଲା । ଏବେ ୨୦୪୭ର 'ବିକଶିତ ଭାରତ'ର ସଂକଳ୍ପ ସହ ମଧ୍ୟ 'ବନ୍ଦେ ମାତରମ୍'କୁ ଯୋଡ଼ି ଦଳ ଏହାର ଜାତୀୟ ଗୁରୁତ୍ୱକୁ ଆହୁରି ଜୋରଦାର କରିବାକୁ ଚାହୁଁଛି ।

### ପାରଦୀପରୁ ସିଙ୍ଗାପୁର...

୫ ତାରିଖରେ ଏହି ଜାହାଜଟି ପାରାଦୀପ ବନ୍ଦରକୁ ଆସିଥିଲା। କିନ୍ତୁ ବର୍ଥରେ ସ୍ଥାନ ନ ଥିବାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରେ ଜାହାଜକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଅଗଷ୍ଟ ୨୦ ତାରିଖରେ ଲୁହାପଥର ବୋଝେଇ କରି ଜାହାଜଟି ପାରାଦୀପ ବନ୍ଦର ଛାଡ଼ିଥିଲା। ଭୁବନେଶ୍ୱରରୁ କୋଷ୍ଟଗାର୍ଡ ଟିମ୍ ଓ ହେଲିକପ୍ଟର ଘଟଣାସ୍ଥଳକୁ ଯାଇଛି। ଜାହାଜକୁ ଖୋଜିବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବିଶାଖାପାଟଣା ପଟୁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଲୁହାପଥର ବୋଝେଇ ଜାହାଜଟି ୧୦.୫ ନଟ୍ ବେଗରେ ଆଗକୁ ବଢୁଥିଲା। ପ୍ରଚୁର ମାଲ୍ ବୋଝେଇ ହୋଇଥିବାରୁ ପାଣି ଭିତରେ ୧୪.୨ ମିଟର ପର୍ଯ୍ୟନ୍ତ ବୁଡ଼ି ରହିଥିଲା। ଅଗଷ୍ଟ ୨୭ ତାରିଖ ସକାଳ ୭.୩୦ ସୁଦ୍ଧା ଜାହାଜଟି ସିଙ୍ଗାପୁର ବନ୍ଦରରେ ପହଞ୍ଚିବାର ଥିଲା। ତେବେ ୨୧ ତାରିଖ ରାତିରୁ ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

### ପୁଣି ଆସୁଛି...

ଆସନ୍ତା ୨୪ ତାରିଖ ପାଇଁ ପାଣିପାଗ ବିଭାଗ ପକ୍ଷରୁ କେନ୍ଦୁଝର ଓ ମୟୂରଭଞ୍ଜକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ୧୭ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ସେହିପରି ୨୫ ତାରିଖରେ ମୟୂରଭଞ୍ଜ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏଥିସହ ରାଜ୍ୟର ୧୯ଟି ଜିଲ୍ଲାକୁ ୟେଲୋ ସତର୍କତା ଦିଆଯାଇଛି । ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପର ପ୍ରଭାବରେ ଆଗାମୀ ଦିନଗୁଡ଼ିକରେ ବର୍ଷାର ତୀବ୍ରତା ଆହୁରି ବଢ଼ିପାରେ । ତେଣୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଥିବା ଜିଲ୍ଲାଗୁଡ଼ିକରେ ଲୋକଙ୍କୁ ସତର୍କ ରହିବା ସହ ପାଣିପାଗ ବିଭାଗର ପରବର୍ତ୍ତୀ ସୂଚନା ଉପରେ ନଜର ରଖିବାକୁ କୁହାଯାଇଛି।

### ବନ୍ଧୁକ ଜବତ...

ଘଟଣାର ତଦନ୍ତ ବେଳେ ପାନପୋଷ ସର୍କିଟ୍ ହାଉସର ଏକ ରୁମ୍ ପ୍ରକାଶ ପାଣ୍ଡ୍ୱାନଙ୍କ ନାଁରେ ବୁକ୍ ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା । ଏହାପରେ ଘଟଣାରେ ପ୍ରକାଶ ପାଣ୍ଡ୍ୱାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଆଗକୁ ବଢ଼ାଇଛି ପୁଲିସ । ତାଙ୍କୁ ଧରିବା ପାଇଁ ୫ ଜଣିଆ ପୁଲିସ ଟିମ୍ ଗଠନ କରାଯାଇଥିବା ବେଳେ ରାଜ୍ୟ ବାହାରେ ମଧ୍ୟ ତାଙ୍କୁ ଖୋଜାଖୋଜି କରାଯାଉଥିବା ସୂଚନା ରହିଛି । ତେବେ ପ୍ରକାଶ ପାଣ୍ଡ୍ୱାନଙ୍କୁ ପୁଲିସ କେବେ ଗିରଫ କରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ୟୁକ୍ରେନର ସପିଙ୍ଗ୍ ମଲ୍‌ରେ...

ଉଦ୍ଧାରକାରୀ ଦଳ ପହଞ୍ଚିଥିବା ସମୟରେ ଦ୍ୱିତୀୟ ଡ୍ରୋନଟି ସପିଙ୍ଗ୍ ସେଣ୍ଟର ଛାତ ଉପରେ ପଡ଼ିଥିଲା । ଏହି ଆକ୍ରମଣକୁ ଜେଲେନସ୍କି ଅତ୍ୟନ୍ତ ଜଘନ୍ୟ ଏବଂ ହୀନ ମାନସିକତାର ପରିଚାୟକ ବୋଲି କହିଛନ୍ତି। ସମଗ୍ର ବିଶ୍ୱ ରୁଷର ଏହି ଆକ୍ରମଣର ଦୃଢ଼ ଜବାବ ଦେବା ଦରକାର ବୋଲି କହିଛନ୍ତି ଜେଲେନସ୍କି ।

### ଉତ୍ତର ପ୍ରଦେଶ ବିଧାନସଭା...

ଏହା ସହିତ ଉତ୍ତର ପ୍ରଦେଶର ୯୮ ଜଣ ନେତା ଓ ପ୍ରମୁଖ ବ୍ୟକ୍ତିଙ୍କୁ ବିଭିନ୍ନ ବର୍ଗର ସୁରକ୍ଷା ଯୋଗାଇ ଦିଆଯିବ। ୨୦୨୭ରେ ହେବାକୁ ଥିବା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି।

### ଝାଡ଼ଖଣ୍ଡର ରାମଗଡ଼ର ଇସ୍ପାତ ...

ମ୍ୟାନେଜମେଣ୍ଟର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ ପାୱାର ପ୍ଲାଣ୍ଟର କଣ୍ଟ୍ରୋଲ୍ ରୁମ୍ ପୂର୍ବରୁ ଉଚ୍ଚ ତାପମାତ୍ରାର ସଙ୍କେତ ଦେଉଛି। ସେଠାରେ ଏସି ଫେଲ୍ ହୋଇଯାଇଥିବାରୁ କାମ କରିବା ମଧ୍ୟ କଷ୍ଟକର ଥିଲା। କର୍ମଚାରୀମାନେ ମ୍ୟାନେଜମେଣ୍ଟକୁ ଅନେକ ଥର ସୂଚନା ଦେଇଥିଲେ, କିନ୍ତୁ ମ୍ୟାନେଜମେଣ୍ଟ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା, କିମ୍ବା କୁଲିଂ ସିଷ୍ଟମ ମରାମତି କରାଯାଇ ନଥିଲା। ଏହି ଦୁର୍ଘଟଣାରେ ଉତ୍ୟକ୍ତ ହୋଇ ଲୋକମାନେ ଶନିବାର ଦିନ ରାମଗଡ଼ ପତ୍ରାତୁ ରାସ୍ତା ଅବରୋଧ କରିଥିଲେ। ପୋଲିସ ଏବଂ ମ୍ୟାନେଜମେଣ୍ଟ କ୍ଷତିଗ୍ରସ୍ତ ଲୋକଙ୍କ ସହ କ୍ଷତିପୂରଣ ବିଷୟରେ କଥାବାର୍ତ୍ତା କରୁଛନ୍ତି।

# ଡାକ୍ତର ନବୀନ କୁମାର ପରିଡା ଉଦୀୟମାନ ଫଟୋଗ୍ରାଫରରେ ସମ୍ମାନିତ

ଭଦ୍ରକ, ୨୨/୮ (ନି.ପ୍ର): ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ 'ନବୀନ ସୂତ୍ରଧର ଟ୍ରଷ୍ଟ' ତରଫରୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ୫ମ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନବୀନ କୁମାର ପରିଡା 'ଉଦୀୟମାନ ଫଟୋଗ୍ରାଫର୍ ସମ୍ମାନ' ରେ ସମ୍ମାନିତ ହୋଇଛନ୍ତି। 'ଓଡ଼ିଶାର ଲୁକ୍କାୟିତ ଐତିହ୍ୟ' ଉପରେ ଆଧାରିତ, ତାଙ୍କଦ୍ୱାରା ଉତୋଳିତ ମା' ଚାମୁଣ୍ଡାଙ୍କ ପ୍ରତିମୂର୍ତିର ଏକ ଫଟୋଚିତ୍ର ପାଇଁ ସେ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ୭ମ ଶତାବ୍ଦୀରେ ନିର୍ମିତ, ଯାଜପୁର ଜିଲ୍ଲା ଧର୍ମଶାଳାରୁ ଆବିଷ୍କୃତ ଏହି ଭାସ୍କର୍ଯ୍ୟ କଳାର ନିଦର୍ଶନ ଏବେ ରାଜ୍ୟ ସଂଗ୍ରହାଳୟରେ ଶୋଭା ପାଉଛି। ମୁଖ୍ୟ ଅତିଥିରୂପେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଏବଂ ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ହିଂମାଶୁ ଖଟୁଆ ଯୋଗ ଦେଇଥିଲେ। ଡାକ୍ତର ନବୀନଙ୍କ ଉତୋଳିତ ଫଟୋଚିତ୍ର ଲଗାତାର ତିନି ବର୍ଷ ଧରି ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି। ସାହିତ୍ୟରେ ରୁଚି ରଖୁଥିବା ଡାକ୍ତର ନବୀନଙ୍କ ଲିଖିତ ପ୍ରବନ୍ଧ ଓ କବିତା ବିଭିନ୍ନ ଖବରକାଗଜ ଏବଂ ପତ୍ରିକାରେ ପ୍ରକାଶିତ ହୋଇଛି। ନିଜର କର୍ତବ୍ୟପରାୟଣତା ଏବଂ ଉତ୍ସର୍ଗୀକୃତ ମନୋଭାବ ପାଇଁ ନିକଟ ଅତୀତରେ ସେ ପୂର୍ବତନ ଜିଲ୍ଲାପାଳ ଡକ୍ଟର ଦିଲ୍ଲୀପ କୁମାର ରାଉତରାୟଙ୍କଠାରୁ 'ଆମ ମାତୃଭୂମି ସେବା ସମ୍ମାନ - ୨୦୨୬' ଗ୍ରହଣ କରିଥିଲେ।

# ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ୨୦୨୬ ପାଇଁ ବାଲେଶ୍ୱରର ଦୁଇ ଶିକ୍ଷକ ବୈଷୟିକ ଅଧିକାରୀ ଭାବେ ଚୟନ

ଭୁବନେଶ୍ୱର, ୨୨/୮ (ନି.ପ୍ର): ଜିଲ୍ଲା ପାଇଁ ଗୌରବ ଆଣି, ବାଲେଶ୍ୱରର ଦୁଇ ଜଣ ନିଷ୍ଠାବାନ୍ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରତିଷ୍ଠିତ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ୨୦୨୬ ପାଇଁ ବୈଷୟିକ ଅଧିକାରୀ (ଟେକ୍ନିକାଲ ଅଫିସିଆଲ୍) ଭାବେ ମନୋନୀତ ହୋଇଛନ୍ତି। ଏହି ସମ୍ମାନଜନକ ଦାୟିତ୍ୱ ପାଇଥିବା ଶିକ୍ଷକ ଦ୍ୱୟ ହେଲେ— ନୂଆପୁର ସିନ୍ଧିଆ ସରକାରୀ ୟୁଜି ୟୁପି ବିଦ୍ୟାଳୟର ଶିକ୍ଷକ ନିତ୍ୟ ନୂତନ ଦେ ଏବଂ ବଡ଼କିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଏସ୍.କେ. ଅହେସନ୍। ୨୨ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱରର



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଥିବା ଏହି ବୃହତ ଆଥଲେଟିକ୍ସ ପ୍ରତିଯୋଗିତାରେ ୨୭ ଟି ଦେଶରୁ ପ୍ରତିଷ୍ଠିତ ଆଥଲେଟ୍ ?ମାନେ ଯୋଗଦେବାକୁ ଥିବାବେଳେ, ଏହି ଦୁଇ ଶିକ୍ଷକ ବାଲେଶ୍ୱର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ସେବା ଯୋଗୁଁ ଏହି ଚୟନ ହୋଇଥିବାବେଳେ, ଏହା ସ୍ଥାନୀୟ ଶିକ୍ଷା ମହଲ ଏବଂ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଗର୍ବର ବାତାବରଣ ସୃଷ୍ଟି କରିଛି।

ରବିବାର, ଅଗଷ୍ଟ ୨୩, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଏସଆରସିଙ୍କ ତିନିଜଣିଆ ଟିମ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କଲେ



ଜଳେଶ୍ୱର, ୨୨/୮ (ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ନିର୍ଦ୍ଦେଶକ୍ରମେ ଏକ ତିନି ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଜଳେଶ୍ୱରରେ ପହଞ୍ଚି ବନ୍ୟା ସ୍ଥିତିର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଛନ୍ତି। ଗସ୍ତ ଆରମ୍ଭରେ ଉକ୍ତ ଟିମ୍ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଗୌରାଙ୍ଗ ଘୋଷଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଥିଲେ।ବନ୍ୟା ଦ୍ୱାରା ପ୍ରଭାବିତ ପଞ୍ଚାୟତଗୁଡ଼ିକର ସାମ୍ପ୍ରତିକ ସ୍ଥିତି,କ୍ଷୟକ୍ଷତି,ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ୍ ବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ସହିତ କିପରି ଭାବରେ ସ୍ଥାୟୀ ପାଣି ନିଷ୍କାସନ ହୋଇ ପାରିବ ସେ ସମ୍ପର୍କରେ ବିଡିଓଙ୍କ ଠାରୁ ବିସ୍ତୃତ ତଥ୍ୟ ସଂଗ୍ରହ କରାଯାଇଥିଲା। ସମୀକ୍ଷା ବୈଠକ ପରେ ଏସଆରସି ଟିମ୍ ର ପ୍ରୋଜେକ୍ଟ ଡ଼ାଇରେକ୍ଟର ବସନ୍ତ କୁମାର ପରିଡ଼ା,ପ୍ରୋଜେକ୍ଟ ମ୍ୟାନେଜର ଶ୍ରୁତି ରଞ୍ଜନ ପ୍ରଧାନ,ଦେବବ୍ରତ କର ଙ୍କ ସହ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଜଳେଶ୍ୱର ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରି ସ୍ଥାନୀୟ ସ୍ଥିତି ଅନୁଧ୍ୟାନ କରିଥିଲେ।ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବନ୍ୟା ଜଳ ପ୍ରବେଶ ଯୋଗୁଁ ହୋଇଥିବା ଜଳବନ୍ଦୀ ସମସ୍ୟା, ଫସଲ ହାନି ଏବଂ ଘରଦ୍ୱାର ଭାଙ୍ଗିବା ଭଳି କ୍ଷୟକ୍ଷତିର ପ୍ରତ୍ୟକ୍ଷ ସର୍ଭେ କରାଯାଇଥିଲା।ପ୍ରଭାବିତ ଲୋକଙ୍କ ନିକଟରେ ଆବଶ୍ୟକୀୟ ରିଲିଫ୍,ପାନୀୟ ଜଳ,ଏବଂ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ପ୍ରଶାସନିକ ସ୍ତରରେ ତ୍ୱରିତ ପଦକ୍ଷେପ ନେବାକୁ ଟିମ୍ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କୁ ସମ୍ପୂର୍ଣ୍ଣ ଆକଳନ ରିପୋର୍ଟ ପ୍ରଦାନ କରାଯିବା ପରେ ପ୍ରଭାବିତ ଅଞ୍ଚଳ ପାଇଁ ଆବଶ୍ୟକୀୟ ସହାୟତା ଓ କ୍ଷତିପୂରଣ ଯୋଗାଇ ଦିଆଯିବା ସହିତ ସ୍ଥାୟୀ ପାଣି ନିଷ୍କାସନ ସମସ୍ୟା କିପରି ଦୂର ହୋଇ ପାରିବ ତା ସହିତ ଜଳେଶ୍ୱର ବ୍ଲକ ଅଞ୍ଚଳରେ କିପରି ଅଧିକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇ ପାରିବ ବୋଲି ଆଶା କରାଯାଉଛି।

## ଭଦ୍ରକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଓଡିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭଦ୍ରକ, ୨୨/୮ (ନି.ପ୍ର): ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ଃ ରବୀନ୍ଦ୍ରନାଥ ମିଶ୍ର ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ସହ ଆଲୋଚନା କରି ବନ୍ୟା ପ୍ରଭାବିତ ଲୋକଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବା, ରୋଗ ନିରୀକ୍ଷଣ ଓ ପ୍ରତିରୋଧମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ନିର୍ଦ୍ଦେଶକ ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଗଜଉ ପଏଣ୍ଟ ପରିଦର୍ଶନ କରି ସେଠାରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ସେହିପରି ଡାଳଙ୍ଗ ଓ ଜଳହରି ଅଞ୍ଚଳର ବିଭିନ୍ନ ଘରକୁ ଯାଇ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ରୋଗ ପ୍ରତିରୋଧ ଓ ନିରୀକ୍ଷଣ ଭଳି କାର୍ଯ୍ୟର ଯାଞ୍ଚ କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ଓ ମଶାବାହିତ ରୋଗର ନିୟନ୍ତ୍ରଣ ପାଇଁ ନିରନ୍ତର ନିରୀକ୍ଷଣ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ତୁରନ୍ତ ଯୋଗାଇଦେବା ଉପରେ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ।

## ତୁଳସୀ କ୍ଷେତ୍ରରେ ଝୁଲଣ ଯାତ୍ରା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୨/୮ (ନି.ପ୍ର): କେନ୍ଦ୍ରାପଡ଼ାର ଆରାଧ ଦେବତା ପ୍ରଭୁ ବଳଦେବ ଜୀଉଙ୍କ ଝୁଲଣ ଯାତ୍ରା ମହା ଆଡ଼ମ୍ବରରେ ପାଳନ ହୋଇଛି। ମନ୍ଦିରରୁ ବିଜେ ରାଧା କୃଷ୍ଣ ପୂଜା ପଣ୍ଡାଙ୍କ ଦ୍ୱାରା ଅଳଙ୍କାର ଆଭୂଷଣରେ ସଜ୍ଜିତ ହୋଇ ଝୁଲଣ ଗୃହକୁ ବିଜେ କରିଥିଲେ। ବିଜେ ପରେ ନାମ ସଙ୍କୀର୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସନ୍ଧ୍ୟାରେ ଭକ୍ତଙ୍କ ବେଶ୍ ଭିଡ଼ ଜମିଥିଲା। ସାତଦିନ ବ୍ୟାପୀ ଝୁଲଣ ଯାତ୍ରା ଅନୁଷ୍ଠିତ ହେବ ପ୍ରତ୍ୟେହ ଦିନ ଭଜନ ଜଣାଣ ଚମ୍ପୁ ଗୀତ ଗୋବିନ୍ଦ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସେବାୟତ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି।

## ଉପଭୋକ୍ତାଙ୍କୁ ବିଧାୟକ ପଦ୍ମଲୋଚନଙ୍କ ବଡ ଉପହାର: ସୋଲାର ବାବଦ ଦେୟ ଭରଣା କରିବେ ବିଧାୟକ



ଖଇରା, ୨୨/୮ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ରେ ବିଦ୍ୟୁତ ଉପଭୋକ୍ତାଙ୍କୁ ବିଧାୟକ ପଦ୍ମଲୋଚନ ପଣ୍ଡା ବଡ ଉପହାର ଦେବାକୁ ଘୋଷଣା କରିଛନ୍ତି । ନିଜ ଖର୍ଚ୍ଚରେ ୧କିଲୋ ୱାଟ ସମ୍ପର୍ଣ୍ଣ ୪୭ହଜାର ବିଦ୍ୟୁତ ଉପଭୋକ୍ତାଙ୍କ ଦେୟକୁ ନିଜେ ଭରଣା କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ କରି ଏହି କାର୍ଯ୍ୟକ୍ରମ ୫ନମ୍ବର ଜୋନର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଶନିବାର ଉଦ୍‌ଘାଟିତ ହୋଇ ଯାଇଛି । ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ ମହାକୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବିଧାୟକ ବକ୍ତବ୍ୟ ରଖି ପୂର୍ବରୁ ହିତାଧିକାରୀ ମାନଙ୍କୁ ସୋଲାର ବସାଇବାକୁ ସବସିଡି ଅର୍ଥ ପରେ ଏବଂ ମିଟର ବସାଯିବା ଖର୍ଚ୍ଚକୁ ଛାଡି ୧ହଜାର୮୭୫ଟଙ୍କା ଦେବାକୁ ପଡୁଥିଲା । ଏହା ସାଧାରଣ ଗରୀବ ଲୋକଙ୍କ ପାଇଁ ମଧ୍ୟ ଏକ ପ୍ରକାର ବୋଝ ଥିଲା । ଏହି ବୋଝ ହାଲୁକା କରିବାକୁ ସେ ନିଜ ପକେଟରୁ ଏହି ଅର୍ଥ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମେ ଏହି କାର୍ଯ୍ୟକ୍ରମ ୫ନମ୍ବର ଜୋନରେ ଆରମ୍ଭ ହେଲା । ବିନା ଖର୍ଚ୍ଚରେ ଭେଣ୍ଡର ସମସ୍ତ ଆବେଦନକାରୀଙ୍କ ଗୃହକୁ ସଂଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ ଖଇରା,କୁପାରୀ ଓ ଅନ୍ତରା ଜୋନରେ ଶୁଭାରମ୍ଭ କରାଯିବ ବୋଲି ଉଲ୍ଲେଖ କରିଥିଲେ । ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ ଦାଶ,ଅଚ୍ୟୁତପୁର ସରପଞ୍ଚ ଅପର୍ଣ୍ଣା ପାତ୍ର,ସମିତି ସଭ୍ୟା ସସ୍ମିତା ପଣ୍ଡା,ଡଗରପଡା ସମିତିସଭ୍ୟ ବିମ୍ବାଧର ଦଳେଇ,ଭାଜପା ନେତା ବାବାଜୀ ମହାନ୍ତି,ପୁର୍ବତନ ସମିତିସଭ୍ୟ ନିଳାମ୍ବର ପଣ୍ଡା ପ୍ରମୁଖ ବିଧାୟକଙ୍କ ୨୪ମାସ କାର୍ଯ୍ୟକାଳ ମଧ୍ୟରେ ଖଇରା ସିମୁଳିଆରେ ହୋଇଥିବା ବିକାଶର ଚିତ୍ର ପ୍ରଦାନ କରିଥିଲେ ।

## ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ତରଫରୁ ବନମହୋତ୍ସବ ପାଳିତ



ଉଦଳା , ୨୨/୮ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ତରଫରୁ ଚଳିତ ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଦିନ ଭୀମତାଳିସ୍ଥିତ ହୃଦାନନ୍ଦବିହାର ପରିସରରେ ଥିବା ମହାବିଦ୍ୟାଳୟର ନିଜସ୍ୱ ଜମି ଉପରେ ବନମହୋତ୍ସବ ପର୍ବ ଆନନ୍ଦ ଉଲ୍ଲାସ ମଧରେ ପାଳିତ ହୋଇ ଯାଇଛି । ଏହିଅବସରରେ ଆଲୋଚନାଚକ୍ର ସହିତ ମେଗା ବୃକ୍ଷ ରୋପଣର ପର୍ବ ଅନୁଷ୍ଠିତ ହୋଇ ଯାଇଛି । +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ରେଂଜର୍ସ ବିଭାଗର ଛାତ୍ରୀ ମାନେ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେବା ସହ ଏହାର ରୂପରେଖ ପ୍ରସ୍ତୁତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଆଲୋଚନାଚକ୍ରରେ ଅଧକ୍ଷତା କରି ପରିବେଶ ପାଇଁ ଜଙ୍ଗଲ ସମ୍ପଦର ଆବଶ୍ୟକତା କିପରି ଜରୁରି ହୋଇ ପଡ଼ିଛି ବ୍ୟକ୍ତ କରିଥିଲେ । ଉଦଳାରେ କାର୍ଯ୍ୟରତ ଜଙ୍ଗଲ ବିଭାଗର ରେଂଜ ଅଫିସର ସୁଶାନ୍ତ କୁମାର ବାଗ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଆଇନଜୀବି ବସନ୍ତ କୁମାର ପରିଡ଼ା, ଭୀମତାରି ପଂଚାୟତର ସରପଂଚ ବିଜୟା ମୁର୍ମୁ ଓ ସୁଭଦ୍ରା ପରିଡ଼ା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଜଙ୍ଗଲ ସମ୍ପଦ ବହୁ ଜୀବଯନ୍ତୁଙ୍କର ଆଶ୍ରୟସ୍ଥଳ ପାଲଟିବା ସହ ମୃତିକା କ୍ଷୟକୁ ରୋକିବାରେ କିପରି ଭୂମିକା ନେଇଥାଏ ବକ୍ତବ୍ୟରେ କହିଥିଲେ । ଏହାପରେ ଛାତ୍ରୀ ମାନେ ୮୩୮ଗୋଟି ବିଭିନ୍ନ ପ୍ରକାର ଚାରାଗଛ ରୋପଣ କରିଥିଲେ । ଛାତ୍ରୀ ମାନେ, ଏହି ମହୋତ୍ସବ ସହପାଠୀ ମେଳ ସାଙ୍ଗକୁ ଅମ୍ଳିୟତାର ସମ୍ପର୍କକୁ ଅଧିକ ନିବିଡ଼ କରିବା ପାଇଁ କିପରି ଅପୂର୍ବ ସୁଯୋଗ ସୃଷ୍ଟି କରିଛି ଅନୁଭବ କଥନରେ ବ୍ୟକ୍ତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ରବିନାରାୟଣ ମହାପାତ୍ର, ଗିରିଜା ଶଙ୍କର ପାତ୍ର , ରାଜେଶ କୁମାର ମୁଦୁଲି, ଅଧାପିକା ମେରିନା ପଣ୍ଡା, ଶାନ୍ତିଲତା ହାଁସଦା, ଲକ୍ଷ୍ମୀପ୍ରିୟା ସାମଲ ପ୍ରମୁଖ ସହଯୋଗ କରିଥିଲେ ।

## ଶୁଭଲକ୍ଷ୍ମୀ ମାଝୀ ବିଜୁଜନତା ଦଳ ବାଲେଶ୍ୱର ଜିଲ୍ଲା ମହିଳା ସଭାପତି



ନୀଳଗିରି, ୨୨/୮ (ନି.ପ୍ର): ବିଜୁଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଜିଲ୍ଲାର ବିଜୁଜନତା ଦଳର ମହିଳା ସଭାପତି ଭାବରେ ଶ୍ରୀମତି ଶୁଭଲକ୍ଷ୍ମୀ ମାଝୀ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀମତି ମିନା ମହାନ୍ତିଙ୍କୁ ନିଯୁକ୍ତି କରାଯାଇଛି। ଆଦିବାସୀ ଅଧ୍ୟୁଷିତ ନୀଳଗିରି ଅଞ୍ଚଳର ଜଣେ ଆଦିବାସୀ ନାରୀନେତ୍ରୀ ଭାବେ ଶୁଭଲକ୍ଷ୍ମୀଙ୍କ ଏହି ନିଯୁକ୍ତି ପରେ ବିଜୁଜନତା ଦଳର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହି, ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ସମେତ ଦଳର ଅନ୍ୟ ଶତାଧିକ ନେତୃବନ୍ଦ ଓ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଦଳପ୍ରତି ନିଷ୍ଠା, ନେତୃତ୍ୱ ନେବାର ପରାକାଷ୍ଠା, ସର୍ବୋପରି ସାଂଗଠାନିକ ଦକ୍ଷତା ଦଳକୁ ଆହୁରି ସୁଦୃଢ଼ କରିବାସହିତ ମହିଳା ସଶକ୍ତିକରଣ ଓ ସାମାଜିକ ଉନ୍ନତିରେ ସହାୟକ ହେବବୋଲି ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହି କହିଛନ୍ତି ଓ ଶ୍ରୀମତୀ ମାଝୀ ବର୍ତ୍ତମାନ ନୀଳଗିରି ବ୍ଲକର ଅଧ୍ୟକ୍ଷା ଅଛନ୍ତି।

## ବସ୍ତାରେ ଅବକାରୀ ବିଭାଗର ଚଢ଼ାଉ: ୧୦୦ ଲିଟର ଦେଶୀ ମଦ ସହ ଯୁବକ ଗିରଫ,ବାଇକ ଜବତ

ବାସ୍ତା , ୨୨/୮ (ନି.ପ୍ର): ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜୋରଦାର କରାଯାଇଛି। ଏହି କ୍ରମରେ ରୁପ୍ସା ଥାନା ଅନ୍ତର୍ଗତ ବାରହାପାଳ ଗ୍ରାମର କୈଳାସ ଜେନାଙ୍କୁ କୁଡ଼ିଆ ଛକରୁ ଅବକାରୀ ପୋଲିସ ଗିରଫ କରିଛି। ତଥ୍ୟ ଅନୁଯାୟୀ, ଅଭିଯୁକ୍ତଙ୍କ ନିକଟରୁ ୧୦୦ ଲିଟର ଆଇଡି ଲିକର ମଦ ଏବଂ ମଦ ପରିବହନରେ ବ୍ୟବହୃତ ଏକ ବାଇକ ଜବତ କରାଯାଇଛି। ଏହି ଘଟଣା ନେଇ ଅବକାରୀ ଥାନାରେ କେଶ ନମ୍ବର ୮୪/୨୭ ମୂଳେ ଏକ ମାମଲା ରୁଜୁ କରାଯାଇଛି। ଅବକାରୀ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।




## ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



ବାଲେଶ୍ୱର , ୨୨/୮ (ନି.ପ୍ର): ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ ବୈଜ୍ଞାନିକ ତଥା ଚାନ୍ଦିପୁର ପିଏକ୍ସର ଅତିରିକ୍ତ ନିର୍ଦ୍ଦେଶକ କମଳାକାନ୍ତ ଚଣ୍ଡ ଏବଂ ମୁଖ୍ୟ ଅତିଥି ଭାବେ ୫ନଂ ୱାର୍ଡ କାଉନସିଲର ମିତା ପଟ୍ଟନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଜ୍ଞାନ ବିଜ୍ଞାନ ମେଳାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଳାଙ୍ଗୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପ୍ରବୋଧ କୁମାର ପତି, ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ରବିନ୍ଦ୍ର ନାଥ ଦାସ,ସୁନହଟ କ୍ଲଷ୍ଟର ସିଆରସିସି ସସ୍ମିତା ପଣ୍ଡା ଓ ସହ ସଂପାଦକ ଗୌରୀଶଙ୍କର ପତି ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ କ୍ଷେତ୍ରରେ ଶିଶୁ ମାନଙ୍କ ଅଭିସନ୍ଧିତ୍ସୁ ମନୋଭାବ ବୃଦ୍ଧି ଓ ଦେଶର ଭବିଷ୍ୟତ ବୈଜ୍ଞାନିକ ହେବା ପାଇଁ ଏହି ମେଳା ପ୍ରେରଣା ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ନୂତନ ଚିନ୍ତାଧାରା ଏବଂ ଅନୁସନ୍ଧାନ ମୂଳକ ମନୋଭାବକୁ ବାହାରକୁ ଆଣିବାର ମୁଖ୍ୟ ଲକ୍ଷ୍ୟ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବିଦ୍ୟାଳୟର ସଂପାଦକ ଗୟାଧର କର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଓ ସମାଜରେ ଭଲ ମଣିଷ ହେବାର ପ୍ରେରଣା ପ୍ରଦାନ କରିଥିଲେ। ଏଥିରେ ୭୦ଜଣ ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ କରିଥିଲେ। ଅତିଥି କମଳାକାନ୍ତ ଚଣ୍ଡ ଓ ପ୍ରବୋଧ କୁମାର ପତି ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିବା ସହ ମୂଲ୍ୟାଙ୍କନ କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ନାୟକ ଓ ପ୍ରୀୟଙ୍କା ସାହୁ ପ୍ରକଳ୍ପର ମୂଲ୍ୟାଙ୍କନ କରିବାରେ ସହଯୋଗ କରିଥିଲେ।ଶେଷରେ ପ୍ରଧାନ ଆଚାର୍ଯ୍ୟା ଏଲିନା ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ତଥା ପରିଚାଳନା ସମିତିର ସଦସ୍ୟ ସଦସ୍ୟା ଏହି କାର୍ଯ୍ୟକ୍ରମରେ ସହଯୋଗ ଦେଇ କାର୍ଯ୍ୟକ୍ରମର ବିଭିନ୍ନ ବିଭାଗରେ ଦାୟିତ୍ୱ ନେଇ ଶିଶୁ ଭାଇଭଉଣୀମାନଙ୍କୁ ଉତ୍ସାହିତ କରିଥିଲେ।ପ୍ରମୁଖ ସହଯୋଗ କରିଥିଲେ।

## ନରସିଂହପୁର ସେବା ସମବାୟ ସମିତି ଉଦ୍‌ଘାଟିତ



ବାସୁଦେବପୁର, ୨୨/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ନୂତନ ଭାବେ ନରସିଂହପୁର ସେବା ସମବାୟ ସମିତି ଉଦଘାଟିତ ହୋଇ ଯାଇଛି। ଏହି ଉଦଘାଟନ ଉତ୍ସବରେ ଏସ ଆର ସି ଏସ ଓ ସଭାପତି ବାବାଜୀ ଚରଣ ମଲ୍ଲିକ, ବାସୁଦେବପୁର କୋଅପରେଟିଭ ବ୍ୟାଙ୍କର ଶାଖା ପରିଚାଳକ ମହେନ୍ଦ୍ର ପ୍ରସାଦ ନାୟକ, ବରଣ୍ଡଆ ସେବା ସମବାୟ ସମିତିର ସଂପାଦକ କୃଷ୍ଣଚନ୍ଦ୍ର ସାହୁ, ଭାର ପ୍ରାପ୍ତ ସମ୍ପାଦକ ସନ୍ତୋଷ କୁମାର ନାୟକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କବି ରତ୍ନାକର ପଣ୍ଡା,ଶିକ୍ଷାବିତ୍ ଗୟାଧର ମହାପାତ୍ର,ହରେକୃଷ୍ଣ ସାହୁ,କମଳାକାନ୍ତ ବେହେରା,ରାମଚନ୍ଦ୍ର ନାୟକ, କୁନା ଶତପଥୀ,ରବୀନ୍ଦ୍ର ପଣ୍ଡା,ମଧୁସୂଦନ ପଣ୍ଡା, ଗୋକୁଳ ଚନ୍ଦ୍ର ପାଢ଼ୀ, ଯୋଗେନ୍ଦ୍ର ନାୟକ, ରତିକାନ୍ତ ଜେନା, ଜୟରାମ ତ୍ରିପାଠୀ, ବାବୁଲି ମିଶ୍ର। ବର୍ତ୍ତମାନ ନୂତନ ଭାବେ ଏହି ସେବା ସମବାୟ ସମିତି ରେ ଚାଷୀ ମାନଙ୍କ ପଞ୍ଜିକରଣ ଚାଲିଛି। ସମସ୍ତ ଚାଷୀ ଓ କୃଷକ ଭାଇ ଏହି ଅବସରରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ସୋସାଇଟି ପକ୍ଷରୁ ଚାଷୀ ମାନଙ୍କ ଧାନ କିଣା ଯିବ। ନୀତି ନିୟମ ଅନୁଯାୟୀ ଆଗାମୀ ଦିନରେ ଚାଷୀ ମାନେ ନିଶ୍ଚିତ ଭାବରେ ଉପକାର ପାଇ ପାରିବେ ବୋଲି ସୋସାଇଟି ସମ୍ପାଦକ ମତ ପ୍ରକାଶ କରିଥିଲେ।

## ଭଦ୍ରକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଓଡିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭଦ୍ରକ, ୨୨/୮ (ନି.ପ୍ର): ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ଃ ରବୀନ୍ଦ୍ରନାଥ ମିଶ୍ର ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ସହ ଆଲୋଚନା କରି ବନ୍ୟା ପ୍ରଭାବିତ ଲୋକଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବା, ରୋଗ ନିରୀକ୍ଷଣ ଓ ପ୍ରତିରୋଧମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ନିର୍ଦ୍ଦେଶକ ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଗଜଉ ପଏଣ୍ଟ ପରିଦର୍ଶନ କରି ସେଠାରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ।ସେହିପରି ଡାଳଙ୍ଗ ଓ ଜଳହରି ଅଞ୍ଚଳର ବିଭିନ୍ନ ଘରକୁ ଯାଇ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ରୋଗ ପ୍ରତିରୋଧ ଓ ନିରୀକ୍ଷଣ ଭଳି କାର୍ଯ୍ୟର ଯାଞ୍ଚ କରିଥିଲେ।ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ଓ ମଶାବାହିତ ରୋଗର ନିୟନ୍ତ୍ରଣ ପାଇଁ ନିରନ୍ତର ନିରୀକ୍ଷଣ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ତୁରନ୍ତ ଯୋଗାଇଦେବା ଉପରେ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida